ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.15 Bhubaneswar Friday, February 18, 2022 | ୨୫ତମ ବର୍ଷ ସଂଖ୍ୟା-୧୫ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଆସନ୍ତାକାଲି ୧୮୬ଟି ଜିଲ୍ଲା ପରିଷଦ ଜୋନରେ ଭୋଟ, ହିଂସାମୁକ୍ତ ନିର୍ବାଚନର ଆଶ୍ୱାସନା ଦେଲେ ଡିଜିପି



ଭୁବନେଶ୍ୱର,୧୭।୨(ପି.ଏନ): ପ୍ରଥମ ପର୍ଯ୍ୟାୟ ପଂଚାୟତ ନିର୍ବାଚନରେ ବ୍ୟାପକ ହିଂସା ପରେ ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ରାଜ୍ୟର ୬୮ଟି ବ୍ଲକରେ ୭୪୭ଜଣ ଜିଲ୍ଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ଆସନ୍ତାକାଲି ୬୨.୧୦ଲକ୍ଷ ଭୋଟର ନିର୍ଦ୍ଧାରଣ କରିବେ । ୧୮୬ଟି ଜିଲ୍ଲା ପରିଷଦ ଜୋନ,୧୫୧୪ଟି ପଂଚାୟତରେ ଉଭୟ ସରପଂଚ ଓ ସମିତି ସଭ୍ୟ ପଦବୀ ସମେତ ୨୦୪୩୬ଟି ୱାର୍ଡମେମ୍ବର ନିମନ୍ତେ ଆସନ୍ତାକାଲି ଭୋଟଗ୍ରହଣ ହେବ । ତେବେ ଶାସକ ଦଳକୁ ସୁହାଇବା ଭଳି ପଦକ୍ଷେପ ନେବା ଯୋଗୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ହିଂସା ଓ ଭୟର ବାତାବରଣ ପାଇଁ ବିଭିନ୍ନ ଆଡୁ ସମାଲୋଚନା ହେବାପରେ ଉଭୟ ରାଜ୍ୟ ନିର୍ବାଚନ କମିଶନର ଓ ପୁଲିସ ଡିଜି ପରବର୍ତ୍ତୀ ପର୍ଯ୍ୟାୟଗୁଡିକରେ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ହେବ ବୋଲି ଆଶ୍ୱାସନା ଦେଇଛନ୍ତି । ପ୍ରଥମ ପର୍ଯ୍ୟାୟ ପଂଚାୟତ ନିର୍ବାଚନରେ ବ୍ୟାପକ ହିଂସାକାଣ୍ଡ ପରେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ପଦାରେ ପଡିବା ସହ ରାଜ୍ୟ ନିର୍ବାଚନ କମିଶନର ଓ ପୁଲିସ ପ୍ରଶାସନର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅବଶ୍ୟ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ହିଂସା ଓ ଗଣ୍ଡଗୋଳ ପାଇଁ ମୋଟ ୩୬ଜଣଙ୍କୁ ଗିରଫ କରାଯାଇଥିବା ପୁଲିସ ସୂଚନା ଦେଇଛି ।ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବ୍ୟାପକ ହିଂସା ପରେ ଆଜି ରାଜ୍ୟ ନିର୍ବାଚନ କମିଶନର ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ । ଏହି ବୈଠକ ପରେ ପୁଲିସ ଡିଜି ସୁନୀଲ କୁମାର ବନସଲ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଗତକାଲି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କେତେକ ସ୍ଥାନରେ ଗଣ୍ଡଗୋଳ ଓ ହିଂସା ହୋଇଛି । ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରାଯାଉଛି । ସେମାନଙ୍କ ବିରୋଧରେ ଆଇନ ଅନୁସାରେ କଡା କାର୍ଯ୍ୟାନୁଷ୍ଠାନ ହେବ । ତେବେ ପରବର୍ତ୍ତୀ ୪ଟି ପର୍ଯ୍ୟାୟ ନିର୍ବାଚନକୁ ବିନା ହିଂସାରେ କରିବାକୁ ପଦପେକ୍ଷ ନିଆଯାଉଛି । କୌଣସି ହିଂସା ଓ ଗଣ୍ଡଗୋଳକୁ ବରଦାସ୍ତ କରାଯିବ ନାହିଁ । ଭୋଟ ଗ୍ରହଣ ପ୍ରକ୍ରିୟାରେ ଯେଉଁମାନେ ବାଧାଦେବେ ସେମାନଙ୍କୁ ଛଡାଯିବ ନାହିଁ । ଗଣ୍ଡଗୋଳକାରୀଙ୍କୁ ବିଲକୁଲ ବରଦାସ୍ତ କରାଯିବ ନାହିଁ । ଭୋଟ ହେବାକୁ ଥିବା ସ୍ଥାନରେ ପୁଲିସ ମୁତୟନକୁ କଡାକଡି କରାଯାଇଛି ବୋଲି ପୁଲିସ ଡିଜି ଶ୍ରୀ ବନସଲ କହିଛନ୍ତି ।ସେହିପରି ପୁଲିସ ମୁଖ୍ୟାଳୟରୁ ଜାରି ସୂଚନା ଅନୁସାରେ ରାଜ୍ୟରେ ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣକୁ ଅବାଧ ଓ ସ୍ୱଚ୍ଛ କରିବା ନିମନ୍ତେ ଯଥେଷ୍ଟ ପରିମାଣର ସୁରକ୍ଷାକର୍ମୀ ମୁତୟନ କରାଯାଇଛି । ୨୪୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିବାବେଳେ ୧୭୫୩ଟି ମୋବାଇଲ ପାଟ୍ରୋଲିଂ ଟିମ୍ ସମଗ୍ର ରାଜ୍ୟରେ ମୁତୟନ ହୋଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ୨୦୪୩୫ଟି ବୁଥରେ ଭୋଟଗ୍ରହଣ ହେବ । ପ୍ରଥମ ପର୍ଯ୍ୟାୟ ଭୋଟବେଳେ ହିଂସା ଓ ଗଣ୍ଡଗୋଳ କରିଥିବା ଅଭିଯୋଗରେ ପୁରୀ ଜିଲ୍ଲାରେ ସର୍ବାଧିକ ୧୬ଜଣ, ଯାଜପୁରରେ ୧୪ଜଣ ଓ ଢେଙ୍କାନାଳରେ ୬ଜଣଙ୍କୁ ଗିରଫ କରାଯାଇଛି । ସୂଚନାଯୋଗ୍ୟ, ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟ ଭୋଟରେ ୬୮ଟି ବ୍ଲକରେ ୧୮୬ଜଣ ଜିଲ୍ଲା ପରିଷଦ ସଭ୍ୟ, ୧୫୧୪ ସରପଂଚ, ୧୫୧୪ ସମିତି ସଭ୍ୟ ନିଜର ଭାଗ୍ୟ ପରୀକ୍ଷା କରିବେ । ମୋଟ ୨୦୪୩୬ଟି ବୁଥରେ ୬୨.୧୦ଲକ୍ଷ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ଏହି ବୁଥ ମଧ୍ୟରୁ ୩୦୬୫ଟି ବୁଥ ଉତ୍ତେଜନାପ୍ରବଣ ଚିହ୍ନଟ କରାଯାଇଛି।

### ରାଜ୍ୟ ସରକାର ନିୟମ କୋହଳ ନେଇ ଭାବିଚିନ୍ତି ନିଷ୍ପତି ନେବେ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୭।୨(ପି.ଏନ): କରୋନା କାରଣରୁ ଲଗା ଯାଇଥିବା କଟକଣାକୁ ନେଇ ରାଜ୍ୟ ସରକାର ଭାବିଚିନ୍ତି ନିଷ୍ପତି ନେବେ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସରକାରଙ୍କ ପରବର୍ତ୍ତୀ ନିଷ୍ପତିକୁ ଅପେକ୍ଷା କରିବାକୁ ପଡିବ। ଯଦି ଆଜିର ଷ୍ଟାଟସ ଦେଖିବା, ୨ରୁ ୩ଟି ସ୍ଥାନରେ ଟିକେ ଅଧିକ ସଂକ୍ରମଣ ରହିଛି। ଏବେକାର ସ୍ଥିତିରେ ଆମେ ଭଲ ଆଡ଼କୁ ଯାଉଛେ। କିଛି ଦିନ ହେଲା ସଂକ୍ରମଣ ହଜାରେ ତଳେ ରହିଛି। ହସ୍ପିଟାଲିଟି ରେଟ ମଧ୍ୟ କମ ରହୁଛି। ଆଗକୁ ସ୍ଥିତି ଆହୁରି ସୁଧୁରିବ। ତୃତୀୟ ଲହର ସରିଲାଣି କି ବୋଲି ପଚରା ଯାଇଥିବା ପ୍ରଶ୍ନର ଉତରରେ ସେ କହିଛନ୍ତି, ଲହର କେବେ ସରେ ନାହିଁ। ସେ କହିଛନ୍ତି ଯେମହାମାରୀ ହେଲେ, କିଛିଦିନ ବଢ଼େ, କିଛିଦିନ କମେ। ତାପରେ ଧୀରେ ଧୀରେ କମେ।

## ପଂଚାୟତ ନିର୍ବାଚନ: ଆଜି ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍

ଭୁବନେଶ୍ୱର, ୧୭।୨(ପି.ଏନ): ଆସନ୍ତାକାଲି (ଶୁକ୍ରବାର) ଓଡ଼ିଶା ପଂଚାୟତିରାଜ ନିର୍ବାଚନର ୨ୟ ପର୍ଯ୍ୟାୟ ପାଇଁ ମତଦାନ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ୩୦ ଜିଲ୍ଲାର ୬୮ ବ୍ଲକ୍ ର ୧୮୬ ଜିଲ୍ଲା ପରିଷଦ ଓ ୧୫୧୪ ଗ୍ରାମପଂଚାୟତରେ ଭୋଟିଂ ହେବ। ମୋଟ ୨୦ ହଜାର ୪୩୬ ବୁଥରେ ୬୨୧୦୯୩୮ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେଥିରୁ ୩ ହଜାର ୬୫ଟି ବୁଥ୍ ସମ୍ବେଦନଶୀଳ ରହିଛି। ୧୮୬ ଜିଲ୍ଲାପରିଷଦ ଆସନ ପାଇଁ ମୋଟ ୭୪୭ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ମତଦାନ ପାଇଁ ଆଜି ସନ୍ଧ୍ୟା ସୁଦ୍ଧା ପୋଲିଂ କର୍ମଚାରୀମାନେ ନିଜ ନିଜ ବୁଥ୍ କେନ୍ଦ୍ରରେ ପହଂଚି ସାରିଛନ୍ତି। ଶୁକ୍ରବାର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ହେବ।ମତଦାନ ସମୟରେ ଯେପରି କୌଣସି ପ୍ରକାରର ହିଂସା ନହୁଏ ସେଥିପାଇଁ ପୋଲିସ ମୁତୟନ ହେବେ। ମୋଟ ୨୪୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ସେହିପରି ୧୭୫୩ଟି ମୋବାଇଲ ପାଟ୍ରୋଲିଂ ପାର୍ଟିର ନଜର ରହିବ। ପ୍ରଥମ ପର୍ଯ୍ୟାୟରେ ବ୍ୟାପକ ହିଂସା ପରେ ପୋଲିସ ଅଧିକ ସତର୍କ ରହିଛି।

## ପ୍ରଥମ ପର୍ଯ୍ୟାୟରେ ରେକର୍ଡ ୭୭.୨ ପ୍ରତିଶତ ମତଦାନ

ଭୁବନେଶ୍ୱର,୧୭।୨(ପି.ଏନ): ଗତକାଲି ଅନୁଷ୍ଠିତ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନରେ ରେକର୍ଡ ସଂଖ୍ୟକ ୭୭.୨ ପ୍ରତିଶତ ଭୋଟଗ୍ରହଣ ହୋଇଛି । ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲାରେ ସର୍ବାଧିକ ୮୪.୭ ପ୍ରତିଶତ ମତଦାନ ହୋଇଥିବାବେଳେ ଦେବଗଡରେ ୮୩.୫ ପ୍ରତିଶତ, ଅନୁଗୁଳରେ ୮୨.୬ ପ୍ରତିଶତ, ଝାରସୁଗୁଡାରେ ୮୨.୧ ପ୍ରତିଶତ, କଳାହାଣ୍ଡିରେ ୮୧.୧୨ ପ୍ରତିଶତ ,ଗଜପତିରେ ୭୯.୫ ପ୍ରତିଶତ, ଢେଙ୍କାନାଳରେ ୭୮.୯, ଜଗତସିଂହପୁରରେ ୭୭.୫ ପ୍ରତିଶତ, ବାଲେଶ୍ୱରରେ ୭୬.୫ ପ୍ରତିଶତ,ବରଗଡରେ ୭୯.୩ ପ୍ରତିଶତ, ଭଦ୍ରକରେ ୭୬.୫ ପ୍ରତିଶତ, କଟକରେ ୭୬.୮ ପ୍ରତିଶତ, ମତଦାନ ହୋଇଛି ।ଅନ୍ୟପକ୍ଷରେ ଆସନ୍ତାକାଲି (ଶୁକ୍ରବାର) ରାଜ୍ୟରେ ପଂଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ୩୦ ଜିଲ୍ଲାର ୬୮ ବ୍ଲକ୍ ର ୧୮୬ ଜିଲ୍ଲା ପରିଷଦ ଓ ୧୫୧୪ ଗ୍ରାମପଂଚାୟତରେ ଭୋଟିଂ ହେବ। ମୋଟ ୨୦ ହଜାର ୪୩୬ ବୁଥରେ ୬୨୧୦୯୩୮ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେଥିରୁ ୩ ହଜାର ୬୫ଟି ବୁଥ୍ ସମ୍ବେଦନଶୀଳ ରହିଛି। ୪ଟି ଜିଲ୍ଲାରେ ୨୫ଟି ସ୍ଥାନରେ ପୁନଃ ମତଦାନ ପାଇଁ ପ୍ରସ୍ତାବ ଆସିଛି। ଯାଜପୁରର ୧୧,ପୁରୀର ୫,ଢେଙ୍କାନାଳର ୪,ଭଦ୍ରକର ୫ଟି ସ୍ଥାନ ପାଇଁ ପ୍ରସ୍ତାବ ଆସିଛି।

## ବିଜେପି- ବିଜେଡି ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି

### ନିର୍ବାଚନ ଆୟୋଗ କାର୍ଯ୍ୟାନୁଷ୍ଠାନ ନେଇପାରୁ ନାହାଁନ୍ତି: ସୁର ରାଉତରାୟ

ଭୁବନେଶ୍ୱର, ୧୭।୨(ପି.ଏନ): ଦୁଇ ଶାସକ ଦଳ ବ୍ୟାପକ ଭାବେ ନିର୍ବାଚନ ଆଚରଣବିଧି ଉଲଙ୍ଘନ କରୁଥିବା ବେଳେ, ରାଜ୍ୟ ନିର୍ବାଚନ ଆୟୋଗ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି ।ଶ୍ରୀ ରାଉତରାୟ କହିଛନ୍ତି ଯେ, ଜଟଣୀ, ଖୋର୍ଦ୍ଧାଜିଲ୍ଲା ଏବଂ ରାଜ୍ୟର ଅନ୍ୟ ଅଂଚଳରେ ବିଜେଡ଼ି, ବିଜେପି ଦଳର ଆଚରଣ ବିଧିର ଖୋଲା ଉଲଘଂନ ସେ ପ୍ରତ୍ୟକ୍ଷ ଭାବରେ ଦେଖୁଛନ୍ତି। ବିଜେଡ଼ି, ବିଜେପି ଦଳର ପୂର୍ବତନ ସାଂସଦ, ପୂର୍ବତନ ବିଧାୟକ, ବିଧାୟକ, ସାଂସଦ, ମନ୍ତ୍ରୀ ଓ ଦଳୀୟ ପଦାଧିକାରୀମାନେ ଟଙ୍କାଥଳି ଧରି ବୁଲୁଛନ୍ତି। ମଦ, ମାଂସର ଆସର ଚାଲିଥିଲା ବେଳେ, ପୁଲିସ୍ ନୀରବଦ୍ରଷ୍ଟା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୁଶାସନ ପାଇଁ ଜନପ୍ରିୟତା ହରାଇଛନ୍ତି। ଏଣୁ ସାଧାରଣ ଲୋକଙ୍କୁ ଅର୍ଥ ବଳରେ କିଣିବା ପାଇଁ ଶାସକ ଦଳ ଆପ୍ରାଣ ଉଦ୍ୟମ କରୁଛି। ସାଧାରଣ ଭୋଟରଙ୍କ ଉପରେ ପୋଲିସ୍ ମାଧ୍ୟମରେ ମିଥ୍ୟା ମୋକଦ୍ଦମା ରୁଜୁର ଧମକ ଦିଆଯାଉଛି। ଶାସକ ଦଳର ଗୁଣ୍ଡାମାନେ ବିଭିନ୍ନ ସ୍ଥାନରେ ଆତଙ୍କରାଜ ଚଳାଇଛନ୍ତି। ମାତ୍ର ନିର୍ବାଚନ ଆୟୋଗ ଓ ପୋଲିସ୍ ନୀରବଦ୍ରଷ୍ଟା ସାଜିଛନ୍ତି ।ବିଜେଡ଼ି ଦଳୀୟ ବିଧାୟକ ଓ ପଦାଧିକାରୀମାନେ ଭୋଟନଦେଲେ ଭତା କାଟିଦେବା, ରାସନକାର୍ଡ଼ କାଟି ଦେବାକୁ ଧମକ ଦେଇଛନ୍ତି। ଅନେକ ସ୍ଥାନରେ ରାସନକାର୍ଡ଼ର ଆବେଦନ ଫର୍ମ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତାର ଫର୍ମ ପୂରଣ କରାଇ ଭୋଟ ଦେବାକୁ ପ୍ରଲୋଭନ ଦେଖାଉଛନ୍ତି। ଗତକାଲି ମତଦାନ ସମୟରେ ଝାରସୁଗୁଡ଼ା, କୃଷ୍ଣପ୍ରସାଦ, ବ୍ରହ୍ମଗିରି, କଣାସ ବ୍ଲକ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଶାସକ ଦଳ ଭୋଟ ଅପହରଣ କରିବାକୁ ବୋମାମାଡ଼, ଫାର୍ସାମାଡ଼ ଆଦି ହିଂସାକାଣ୍ଡ ଭିଆଇବା ଘଟଣାରୁ ସ୍ପଷ୍ଟ ହେଉଛି ଯେ, ମୁଖ୍ୟମନ୍ତ୍ରୀ ଏ ରାଜ୍ୟରେ ଗଣତନ୍ତ୍ରକୁ କ୍ରମାଗତ ଭାବେ ହତ୍ୟା କରି ଚାଲିଛନ୍ତି ।ର୍‌ୟାଲି ଓ ମିଟିଂରେ ନିର୍ବାଚନ ଆୟୋଗ ଧାର୍ଯ୍ୟ କରିଥିବା ଜନଗହଳିରୁ ଶାସକ ଦଳ ୧୦୦ଗୁଣା ଲୋକ ଜମା କରୁଥିବା ବେଳେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନି। ଗତକାଲି ଗଣମାଧ୍ୟମର ବରିଷ୍ଠ ସାମ୍ବାଦିକଙ୍କୁ ଯେଉଁଭଳି ଭାବରେ ମରଣାନ୍ତକ ଆକ୍ରମଣ କରାଗଲା ସେଥିପ୍ରତି ଶ୍ରୀ ରାଉତରାୟ ଦୃଢ ନିନ୍ଦା କରିଛନ୍ତି। ଆକ୍ରମଣକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେଜଟଣୀ ଜଣେ ପ୍ରସିଦ୍ଧ ବ୍ୟବସାୟୀ ଅନାଥ ପଟ୍ଟନାୟକ , ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଲିଙ୍ଗରାଜ ସାହୁ, ରମେଶ ମହାପାତ୍ର, ମୋହନ ଜେନା ଓ ମିହିର ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପୌର ନିର୍ବାଚନ: ୧୯୩୧ ୱାର୍ଡ ପାଇଁ ୪୫୮୪ଟି ବୁଥ୍




ଭୁବନେଶ୍ୱର,୧୭।୨(ପି.ଏନ) : ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନର ପ୍ରସ୍ତୁତି ଜୋରଦାର କରିବା ସହ ମୋଟ ୪୫୮୪ଟି ବୁଥ୍ ତାଲିକାକୁ ଅନୁମୋଦନ କରିଛନ୍ତି । ରାଜ୍ୟର ୪୮ଟି ପୌର ପରିଷଦ, ୫୯ଟି ବିଜ୍ଞାପିତ ପରିଷଦ ଓ ୩ଟି ମହାନଗର ନିଗମ ଅଂଚଳରେ ଥିବା ୧୯୩୧ଟି ୱାର୍ଡରେ ଏହି ବୁଥ ସ୍ଥାପିତ ହେବ । ରାଜ୍ୟର ମୋଟ ୧୦୭ଟି ପୌର ପରିଷଦ ଓ ବିଜ୍ଞାପିତ ପରିଷଦରେ ୧୭୬୩ଟି ୱାର୍ଡ ଥିବାବେଳେ ୩ଟି ମହାନଗର ନିଗମରେ ୧୬୮ଟି ୱାର୍ଡ ରହିଛି ।ଭୁବନେଶ୍ୱର(ଓଡିଶା ରିପୋର୍ଟର): ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନର ପ୍ରସ୍ତୁତି ଜୋରଦାର କରିବା ସହ ମୋଟ ୪୫୮୪ଟି ବୁଥ୍ ତାଲିକାକୁ ଅନୁମୋଦନ କରିଛନ୍ତି । ରାଜ୍ୟର ୪୮ଟି ପୌର ପରିଷଦ, ୫୯ଟି ବିଜ୍ଞାପିତ ପରିଷଦ ଓ ୩ଟି ମହାନଗର ନିଗମ ଅଂଚଳରେ ଥିବା ୧୯୩୧ଟି ୱାର୍ଡରେ ଏହି ବୁଥ ସ୍ଥାପିତ ହେବ । ରାଜ୍ୟର ମୋଟ ୧୦୭ଟି ପୌର ପରିଷଦ ଓ ବିଜ୍ଞାପିତ ପରିଷଦରେ ୧୭୬୩ଟି ୱାର୍ଡ ଥିବାବେଳେ ୩ଟି ମହାନଗର ନିଗମରେ ୧୬୮ଟି ୱାର୍ଡ ରହିଛି ।ଜଗତସିଂହପୁର ଜିଲ୍ଲାର ଜଗତସିଂହପୁର ମୁନିସିପାଲିଟିର ୨୧ଟି ୱାର୍ଡର ୩୩ଟି ବୁଥ୍ , ପାରାଦୀପ ମୁନିସିପାଲିଟିର ୧୯ଟି ୱାର୍ଡ, ୪୬ଟି ବୁଥ୍ ରହିଛି । ସେହିପରି ଯାଜପୁର ଜିଲ୍ଲାର ବ୍ୟାସନଗର ମୁନିସିପାଲିଟିର ୨୬ଟି ୱାର୍ଡ, ୪୪ଟି ବୁଥ୍ , ଯାଜପୁର ମୁନିସିପାଲିଟିର ୧୮ଟି ୱାର୍ଡ, ୩୬ଟି ବୁଥ୍ ରହିଛି । ଝାର ସୁଗୁଡା ଜିଲର ବ୍ରଜରାଜନ ଗର ମୁନିସିପାଲ ଟିର ୨୩ଟି ୱାର୍ଡ, ୬୮ଟି ବୁଥ୍ , ଝାରସୁଗୁଡା ମୁନିସିପାଲିଟିର ୨୪ଟି ୱାର୍ଡ, ୮୪ଟି ବୁଥ୍ , ବେଲପାହାଡ ମୁନିସିପାଲିଟିର ୧୯ଟି ୱାର୍ଡ, ୩୫ଟି ବୁଥ୍ ରହିଛି । ସେହିପରି କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ମୁନିସିପାଲିଟିର ୨୦ଟି ୱାର୍ଡ, ୫୮ଟି ବୁଥ୍ , ଧର୍ମଗଡ ଏନ୍ .ଏ.ସିର ୧୪ଟି ୱାର୍ଡ, ୧୪ଟି ବୁଥ୍ , କେସିଙ୍ଗା ଏନ୍ .ଏ.ସିର ୧୨ଟି ୱାର୍ଡ, ୧୭ଟି ବୁଥ୍ , ଜୁନାଗଡ ଏନ୍ .ଏ.ସିର ୧୨ଟି ୱାର୍ଡ, ୧୮ଟି ବୁଥ୍ ରହିଛି । କନ୍ଧମାଳ ଜିଲ୍ଲାରେ ଜି. ଉଦୟଗିରି ଏନ୍ .ଏ.ସିର ୧୩ଟି ୱାର୍ଡ, ୧୩ଟି ବୁଥ୍ , ବାଲିଗୁଡା ଏନ୍ .ଏ.ସିର ୧୩ଟି ୱାର୍ଡ, ୧୭ଟି ବୁଥ୍ , ଫୁଲବାଣୀ ମୁନିସିପାଲିଟିର ୧୩ଟି ୱାର୍ଡ, ୨୭ଟି ବୁଥ୍ ରହିଛି ।କେନ୍ଦ୍ରାପଡା ଜିଲ୍ଲାର ପଟାମୁଣ୍ଡାଇ ମୁନିସିପାଲିଟିର ୨୦ଟି ୱାର୍ଡ, ୩୪ଟି ବୁଥ୍ , କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡା ମୁନିସିପାଲିଟିର ୨୧ଟି ୱାର୍ଡ ଓ ୪୧ଟି ବୁଥ୍ ରହିଛି । କେଉଁଝର ଜିଲ୍ଲାର ଆନନ୍ଦପୁର ମୁନିସିପାଲିଟିର ୧୬ଟି ୱାର୍ଡ, ୩୩ଟି ବୁଥ୍ , ବଡବିଲ୍ ମୁନିସିପାଲିଟିର ୧୫ଟି ୱାର୍ଡ,୫୭ଟି ବୁଥ୍ , ଯୋଡା ମୁନିସିପାଲିଟିର ୧୪ଟି ୱାର୍ଡ, ୩୨ଟି ବୁଥ୍ , ଚମ୍ପୁଆ ଏନ୍ .ଏ.ସିର ୧୩ଟି ୱାର୍ଡ, ୧୬ଟି ବୁଥ୍ ଓ କେଉଁଝର ମୁନିସିପାଲିଟିରେ ୨୧ଟି ୱାର୍ଡ ଏବଂ ୫୦ଟି ବୁଥ୍ ରହିଛି । ଖୋର୍ଦ୍ଧା ଜିଲ୍ଲାର ଜଟଣୀ ମୁନିସିପାଲିଟିର ୨୩ଟି ୱାର୍ଡ, ୫୪ଟି ବୁଥ୍ , ବାଲୁଗାଁ ଏନ୍ .ଏ.ସିର ୧୧ଟି ୱାର୍ଡ, ୧୬ଟି ବୁଥ୍ , ବାଣପୁର ଏନ୍ .ଏ.ସିର ୧୫ଟି ୱାର୍ଡ, ୧୭ଟି ବୁଥ୍ ରହିଛି । କୋରାପୁଟ ଜିଲ୍ଲାର କୋଟପାଡ ଏନ୍ .ଏ.ସିର ୧୩ଟି ୱାର୍ଡ, ୧୭ଟି ବୁଥ୍ , ସୁନାବେଡା ମୁନିସିପାଲିଟିର ୨୫ଟି ୱାର୍ଡ, ୪୫ଟି ବୁଥ୍ , ଜୟପୁର ମୁନିସିପାଲିଟିର ୨୧ଟି ୱାର୍ଡ, ୩୮ଟି ବୁଥ୍ ରହିଛି । ମାଲକାନଗିରି ଜିଲ୍ଲାର ମାଲକାନଗିରି ମୁନିସିପାଲିଟିର ୧୯ଟି ୱାର୍ଡ, ୩୦ଟି ବୁଥ୍ ଓ ବାଲିମେଳା ଏନ୍ .ଏ.ସିର ୧୨ଟି ୱାର୍ଡ, ୧୨ଟି ବୁଥ୍ ରହିଛି ।ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ମୁନିସିପାଲିଟିର ୧୫ଟି ୱାର୍ଡ, ୨୨ଟି ବୁଥ୍ , ଉଦଳା ଏନ୍ .ଏ.ସିର ୧୨ଟି ୱାର୍ଡ, ୧୨ଟି ବୁଥ୍ , ବାରିପଦା ମୁନିସିପାଲିଟିର ୨୮ଟି ୱାର୍ଡ, ୮୨ଟି ବୁଥ୍ ଓ କରଞ୍ଜିଆ। ଏନ୍ .ଏ.ସିର ୧୫ଟି ୱାର୍ଡ, ୨୦ଟି ବୁଥ୍ ରହିଛି । ସେହିପରି ନୟାଗଡ ଜିଲ୍ଲାର ଖଣ୍ଡପଡା ଏନ୍ .ଏ.ସିର ୧୩ଟି ୱାର୍ଡ, ୧୩ଟି ବୁଥ୍ , ନୟାଗଡ ମୁନିସିପାଲିଟିର ୧୬ଟି ୱାର୍ଡ, ୨୫ଟି ବୁଥ୍ , ରଣପୁର ଏନ୍ .ଏ.ସିର ୧୫ଟି ୱାର୍ଡ, ୧୬ଟି ବୁଥ୍ ଓ ଦଶପଲ୍ଲା ଏନ୍ .ଏ.ସିର ୧୬ଟି ୱାର୍ଡ ଏବଂ ୧୬ଟି ବୁଥ୍ ରହିଛି । ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ମୁନିସିପାଲିଟିର ୧୭ଟି ୱାର୍ଡ, ୨୯ଟି ବୁଥ୍ ଓ ଉମରକୋଟ ମୁନିସିପାଲିଟିର ୧୪ଟି ୱାର୍ଡ ଓ ୨୭ଟି ବୁଥ୍ ରହିଛି । ନୂଆପଡା ଜିଲ୍ଲାର ନୂଆପଡା ଏନ୍ .ଏ.ସିର ୧୪ଟି ୱାର୍ଡ, ୧୪ଟି ବୁଥ୍ , ଖରିଆର ରୋଡ୍ ଏନ୍ .ଏ.ସିର ୧୯ଟି ୱାର୍ଡ, ୧୯ଟି ବୁଥ୍ ଓ ଖରିଆର ଏନ୍ .ଏ.ସିର ୧୩ଟି ୱାର୍ଡ ୧୪ଟି ବୁଥ୍ ରହିଛି ।ପୁରୀ ଜିଲ୍ଲାର କୋଣାର୍କ ଏନ୍.ଏ.ସିର ୧୩ଟି ୱାର୍ଡ, ୧୫ଟି ବୁଥ୍ ଏବଂ ପୁରୀ ମୁନିସିପାଲିଟିର ୩୨ଟି ୱାର୍ଡ, ୧୩୫ଟି ବୁଥ୍ ରହିଛି । ରାୟଗଡା ଜିଲ୍ଲାର ଗୁଡାରୀ ଏନ୍ .ଏ.ସିର ୧୧ଟି ୱାର୍ଡ, ୧୧ଟି ବୁଥ୍ , ରାୟଗଡା ମୁନିସିପାଲିଟିର ୨୪ଟି ୱାର୍ଡ ଓ ୫୯ଟି ବୁଥ୍ ରହିଛି । ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଏନ୍ .ଏ.ସିର ୧୧ଟି ୱାର୍ଡ, ୧୩ଟି ବୁଥ୍ ଓ ରେ । ଖୋଲ ଏନ୍ .ଏ.ସିର ୧୩ଟି ୱାର୍ଡ, ୧୭ଟି ବୁଥ୍ ରହିଛି । ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ମୁନିସିପାଲିଟିର ୧୫ଟି ୱାର୍ଡ, ୨୧ଟି ବୁଥ୍ , ତରଭା ଏନ୍ .ଏ.ସିର ୧୨ଟି ୱାର୍ଡ, ୧୨ଟି ବୁଥ୍ ଓ ବିନିକା ଏନ୍ .ଏ.ସିର ୧୨ଟି ୱାର୍ଡ, ୧୫ଟି ବୁଥ୍ ରହିଛି । ସେହିପରି ସୁନ୍ଦରଗଡ ଜିଲ୍ଲାର ବୀରମିତ୍ରପୁର ମୁନିସିପାଲିଟିର ୧୧ଟି ୱାର୍ଡ, ୨୮ଟି ବୁଥ୍ , ରାଜଗାଙ୍ଗପୁର ମୁନିସିପାଲିଟିର ୨୦ଟି ୱାର୍ଡ, ୪୯ଟି ବୁଥ୍ ଓ ସୁନ୍ଦରଗଡ ମୁନିସିପାଲିଟିର ୧୯ଟି ୱାର୍ଡ, ୩୮ଟି ବୁଥ୍ ରହିଛି । ୧୦୭ଟି ପୌରସଂସ୍ଥାରେ ମୋଟରେ ୧୭୬୩ଟି ୱାର୍ଡ,୩୧୭୭ଟି ବୁଥ୍ ରହିଛି ।










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଫେବୃଆରୀ ୧୮

# ଶୁଆଖାଏ ଧାନ,ବଗ ବେକରେ ବନ୍ଧନ !

ଓଡ଼ିଆ ରେ ଏକ ପ୍ରବାଦ ଅଛି–ଶୁଆଖାଏ ଧାନ ବଗ ପଡେ ବନ୍ଧନ । ଶୁଆ ଅର୍ଥ ଏକ ପକ୍ଷୀ ଯେଉଁମାନେ ଶତାଧିକ ସଂଖ୍ୟା ରେ ଦଳବଦ୍ଧ ଭାବେ ଉଡ଼ି ବୁଲନ୍ତି ଏହା ସମସ୍ତେ ଜାଣିଛନ୍ତି ।ବିଲ ରେ ଧାନକେଣ୍ଡା ପାକଳ ହୋଇଥିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବଢ଼ିଥାଏ । ଅନ୍ୟପକ୍ଷେ ସେହି ସମୟରେ ପ୍ରାୟତଃ ବିଲ ରୁ ପାଣି ଶୁଖିଯାଇଥାଏ ଏବଂ କାଦୁଅ ପଙ୍କରେ ରହିଥିବା ମାଛ,ପୋକ, ବେଙ୍ଗ କୁ ଖାଇବାପାଇଁ ବଗବଗୁଲି ମଧ ବିଲ ମଝିରେ ମାଟିରେ ବସି ରହନ୍ତି,ମାଛ ବେଙ୍ଗ ପୋକଯୋକ ଖାଇବାପାଇଁ ଯାହା ତାଙ୍କର ଆହାର ।ଧାନ ସେମାନେ ଖାଆନ୍ତି ନାହିଁ କି ଧାନକେଣ୍ଡା ଖାଇବା ତାଙ୍କର ଲକ୍ଷ ନୁହେଁ କିମ୍ବା ଖାଦ୍ୟ ମଧ ନୁହେଁ । କିନ୍ତୁ ଧାନକେଣ୍ଡା କୁ ଖାଇ ଶୁଆ ଉଡ଼ି ପଳାନ୍ତି ।ଜାଲରେ ଧରା ପଡିଥାନ୍ତି ନିରୀହ ବଗବଗୁଲି । ତାଙ୍କର ଦୋଷ ହେଲା ସେମାନେ ବସନ୍ତି ଧାନ ବିଲ ରେ, କାଦୁଅ ପଙ୍କରେ ମାଛ, ବେଙ୍ଗ ଆହାର ଅନ୍ୱେଷଣ କରିବା କଣ ସେମାନଙ୍କ ଭୁଲ ଠିକ ସେହିପରି ଆମ ରାଜ୍ୟ ର ସମବାୟ ସଂସ୍ଥା ର ମର୍ମଭରା କାହାଣୀ ।ଏହି ସଂସ୍ଥା ରେ କାମ କରିଥାଆନ୍ତି ତିନିସ୍ତର ର କର୍ମଚ଼ାରୀ । ପ୍ରଥମେ ସଂସ୍ଥା ପରିଚ଼ାଳିତ କର୍ମଚ଼ାରୀ, ଯେଉଁ ମାନେ ସଂସ୍ଥା ନିର୍ଦ୍ଧାରିତ ଏବଂ ପରିଚ଼ାଳନା କମିଟି ନିର୍ଦ୍ଧାରଣ ପ୍ରକାରେ ପାରିଶ୍ରମିକ ପାଇଥାନ୍ତି ଯାହାକି କେବଳ ମଜୁରୀ ସହିତ ସମାନ । ମଧ୍ୟବିତ୍ତ ସ୍ତରହେଲା ସେହି ସଂସ୍ଥା ର ଶିର୍ଷ ସଂସ୍ଥା (Apex Institution) ର କର୍ମଚ଼ାରୀ, ଯେଉଁ ମାନେ ପ୍ରାଥମିକ ସଂସ୍ଥା ପରିଚ଼ାଳନା ପାଇଁ ନିୟୋଜିତ ହୋଇଥାନ୍ତି।



ଏହି ଶ୍ରେଣୀଭୁକ୍ତ କର୍ମଚ଼ାରୀ ମାନେ ମଧ କମ୍ ବେତନ ଭୋଗୀ କିନ୍ତୁ ଶୀର୍ଷ ସଂସ୍ଥା ଦ୍ୱାରା ପରିଚ଼ାଳିତ ଏମାନେ ପ୍ରାଥମିକ ସଂସ୍ଥା ତ ପରିଚ଼ାଳନା କରିଥାନ୍ତି, କିନ୍ତୁ ଦାୟିତ୍ୱ କିଛି ନଥାଏ ଏମାନଙ୍କ ଉପରେ । ତୃତୀୟ ସ୍ତରୀୟ କର୍ମଚ଼ାରୀ ହେଲେ ରାଜ୍ୟ ସରକାରୀ କର୍ମଚ଼ାରୀ ।ଏମାନେ ହେଉଛନ୍ତି ପ୍ରାଥମିକ ସଂସ୍ଥା ର ଅସଲି ମାଲିକ । ତାଙ୍କର ନିର୍ଦ୍ଦେଶନାରେ ସମସ୍ତ କାର୍ଯ୍ୟ ଚ଼ାଲେ ହେଲେ କୌଣସି ପ୍ରକାରର ଦାୟିତ୍ୱ ନଥାଏ ଏମାନଙ୍କର ।ଏମାନେ ସଂସ୍ଥା ତଦାରଖ ଦାୟିତ୍ୱରେ ରହନ୍ତି କିନ୍ତୁ ଏମାନଙ୍କର ଆସିବା, ଯିବା,ଖାଇବା ସମସ୍ତ ଖର୍ଚ୍ଚ ବହନ କରିଥାଏ ପ୍ରାଥମିକ ସଂସ୍ଥା । ସଂସ୍ଥା ରେ କିଛି ଥାଉ ଅବା ନଥାଉ,ଲାଭରେ ଚ଼ାଲୁ କିମ୍ବା କ୍ଷତିରେ ଚ଼ାଲୁ, ପ୍ରାଥମିକ ସ୍ତରର କର୍ମଚ଼ାରୀ ବେତନ ପାରିଶ୍ରମିକ ପାଆନ୍ତୁ,ନ ପାଆନ୍ତୁ ତାଙ୍କର ଯାଏ ଆସେ ନାହିଁ । ମୋଟା ଅଙ୍କର ଦରମା ପାଉଥିଲେ ମଧ ତାହାର ଲୋଭ ଯାଏ ନାହିଁ ପ୍ରାଥମିକ ସଂସ୍ଥା କୁ ଲୁଣ୍ଠନ କରିବା । କାରଣ ସେମାନେ ଯେତେ ଲୁଣ୍ଠନ କଲେ ମଧ ଅଠା ତାଙ୍କ ମୁଣ୍ଡରେ ଲାଗିବାର ପ୍ରଶ୍ନ ନାହିଁ ।କାରଣ ସରକାରୀ ବ୍ୟବସ୍ଥା ସେହିପରି ରହିଛି ।ଅଠା ଲାଗିବ ନିରୀହ ସ୍ୱଳ୍ପ ବେତନ ଭୋଗୀ ପ୍ରାଥମିକ ସଂସ୍ଥା ର କର୍ମଚ଼ାରୀ ମାନଙ୍କ ଉପରେ ! ତେଣୁ ସଂସ୍ଥା ରୁଗ୍'ଣ ହେଉ,ଅଚ଼ଳ ହେଉ,ଅବା କ୍ଷତିରେ ଚ଼ାଲୁ, ଲୁଣ୍ଠନ କରି ନେବା ଏମାନଙ୍କ ମୂଳ ଉଦ୍ଦେଶ୍ୟ,ଲକ୍ଷ ଏବଂ କର୍ତ୍ତବ୍ୟ ମଧ ।ସମବାୟ ସଂସ୍ଥା ଗୁଡିକୁ ସୃଷ୍ଟି କରାଯାଇଥିଲା ଭାରତ ର ସର୍ବପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବାହରଲାଲ ନେହେରୁ ଙ୍କ ସମୟରେ । ଉଦ୍ଦେଶ୍ୟ ଥିଲା ସମବାୟ ଜରିଆରେ ଜନସାଧାରଣ ଙ୍କୁ ସମସ୍ତ ପ୍ରକାର ର ସୁବିଧା ସୁଯୋଗ ପ୍ରଦାନ କରିବା । ମହାଜନ ସାହୁକାର ଙ୍କ କବଳରୁ ଜନତା ଙ୍କୁ ଲୁଣ୍ଠନ ହେବାରୁ ରକ୍ଷା କରିବା । ହେଲେ ଖାଇଗଲେ ତୃତୀୟ ଶ୍ରେଣୀୟ କର୍ମଚ଼ାରୀ ।ଉପରୁ ତଳକୁ ତୃତୀୟ ସ୍ତର ର ବାବୁ ମାନଙ୍କ ଲୋଲୁପ ଦୃଷ୍ଟି ସବୁବେଳେ ରହେ ସଂସ୍ଥା କୁ ଲୁଟପାଟ କରି କ୍ଷତବିକ୍ଷତ କରିବା ଏବଂ ଏପରି ଲୁଣ୍ଠନ ର ଶିକାର ହୋଇ ପ୍ରାୟତଃ ସମସ୍ତ ସମବାୟ ସଂସ୍ଥା ରେ ପଡିଗଲାଣି ତାଲା ତଥାପି ସରକାର ଙ୍କ ନିଦ ଭାଙ୍ଗିନାହିଁ । ଦେଖିବାକୁ ଗଲେ ରାଜ୍ୟ ରେ ଥିଲା କେତେ ପ୍ରକାର ସମବାୟ ପ୍ରତିଷ୍ଠାନ କିନ୍ତୁ ବର୍ତ୍ତମାନ ଅଛି କେତେ ? କୌଣସି ସଂସ୍ଥା କ୍ଷତି କଲେ ସରକାର ତାର ତଦାରଖ ଦାୟିତ୍ୱ ଦିଅନ୍ତି ସେହି ଲୁଣ୍ଠନକାରୀ ତୃତୀୟ ସ୍ତର ର ଅଧିକାରୀ ଙ୍କୁ, ଯେଉଁମାନେ କି ପ୍ରକୃତପକ୍ଷେ ସଂସ୍ଥା ଭାଙ୍ଗିବା ପାଇଁ ଦାୟୀ ଅଟନ୍ତି । ତେଣୁ ଅଠା ବୋଲାଯାଏ ନିରିହ ସଂସ୍ଥା ପରିଚ଼ାଳିତ କର୍ମଚ଼ାରୀଙ୍କ ମୁଣ୍ଡ ରେ । ଖସିପଳେଇଥାନ୍ତି ଅସଲି ଚୋର ! ବର୍ତ୍ତମାନ ପକ୍ଷେ ରାଜ୍ୟ ରେ ଚ଼ାଲୁଥିବା ଏକମାତ୍ର ସଂସ୍ଥା ସମବାୟ ବ୍ୟାଙ୍କ ର ଉଦାହରଣ ନିଆଯାଉ । ବର୍ତ୍ତମାନ ଏହି ବ୍ୟାଙ୍କ ଅଧିନରେ ଚ଼ାଲୁଥିବା ପ୍ରାଥମିକ କୃଷରଣ ସମବାୟ ସମିତି ବିଷୟ ରେ ଚ଼ିନ୍ତା କରାଯାଉ । ଏହା ପରିଚ଼ାଳିତ ହେଉଥିଲା ଏକ ନିର୍ବାଚ଼ିତ ପରିଚ଼ାଳନା କମିଟି ଦ୍ୱାରା । ବିଗତ ପ୍ରାୟ ଦୁଇ ବର୍ଷ ହେଲା ନିର୍ବାଚ଼ିତ କମିଟି ମାନଙ୍କୁ ସରକାର ତାଙ୍କର କାର୍ଯ୍ୟକାଳ ପରେ ଭାଙ୍ଗି ନିଜ ହାତକୁ ପରିଚ଼ାଳନା ଦାୟିତ୍ୱ ନେଇଛନ୍ତି ।ସମବାୟ ସର୍କଲ ମାନଙ୍କରେ ଥିବା କୃଷି ସମବାୟ ସମିତି ମାନଙ୍କର ପରିଚ଼ାଳନା ଦାୟିତ୍ୱ ଦେଇଛନ୍ତି ସରକାରୀ କର୍ମଚ଼ାରୀ ମାନଙ୍କୁ ।ଜଣେ ଜଣେ କର୍ମଚ଼ାରୀ ମାନଙ୍କ ଅଧୀନ ରେ ୮ ରୁ ୧୦ ଗୋଟି ପ୍ରାଥମିକ ସମିତି ରହିଛି ଏହାର ପରିଚ଼ାଳନା ଦାୟିତ୍ୱ । କ୍ଷଭସ୍ୱକ୍ତରମସ୍ୱକ୍ସ ଉକ୍ଟ-କ୍ସକ୍ତ ଝକ୍ଟମସରସ୍ୱସରସ୍ୱ ମାନଙ୍କ ଉପରେ । ସେମାନେ ସମିତି ଗୁଡ଼ିକର ସମ୍ପୁର୍ଣ୍ଣ ମାଲିକ । ଏମାନଙ୍କ ପରିଚ଼ାଳନା ଅଧିନରେ କେତେ ଲାଭ କେତେ କ୍ଷତି ସରକାର ତନଖି କରିବେ କି ଯଦି କରିବେ ,କିଏ କରିବ ?ସେହି ବିଭାଗ ର ଜଣେ ଲୁଣ୍ଠନକାରୀ ବାବୁ । ତେଣୁ ଫଳ ବାହାରିବ କଣ ନା 'ଶୁଆ ଖାଇଗଲା ଧାନ କିନ୍ତୁ ବଗ ବେକରେ ବନ୍ଧନ' କାରଣ ଏହି ପରିଚ଼ାଳନାକାରୀ ବାବୁଙ୍କ ଅଧିନରେ, ତାଙ୍କର ନିର୍ଦ୍ଦେଶ ରେ କାମ କରୁଛନ୍ତି ଜଣେ କମ ପାଟୁଆ ଚ଼ତୁର୍ଥ ଶ୍ରେଣୀର ମାନ୍ୟତା ରୁ ଆସିଥିବା ଏବଂ ନିଜକୁ ବର୍ତ୍ତମାନ ସମିତି ର ସଂପାଦକ ବୋଲାଉଥିବା ନିରୀହ ବାବୁ ଦ। ଏହି କାରଣରୁ ବିଗତ ଦିନରେ ରାଜ୍ୟ ର ଅନେକ ନିରୀହ ସଂପାଦକ ଚ଼ାକିରି ରୁ ନିଲମ୍ବିତ, ବହିଷ୍କୃତ ହୋଇଥିବାର ନଜିର ମଧ ରହିଛି ।ଏହାର ନିରପେକ୍ଷ ସମାଧାନ ସରକାରଙ୍କ ଦାୟିତ୍ୱ କାରଣ ସମିତି ମାନଙ୍କରେ ହେଉଥିବା କୋଟି କୋଟି ଟଙ୍କାର କାରବାର ଅଯୋଗ୍ୟ ଏବଂ କମ ଶିକ୍ଷିତ ଲୋକଙ୍କ ଉପରେ ନ୍ୟସ୍ତ । ଏଥିପାଇଁ ଦରକାର ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା, ଉପଯୁକ୍ତ ପାଉଣା,ଅବସର ପରବର୍ତ୍ତୀ ସମସ୍ୟା ର ଆଇନଗତ ବ୍ୟବସ୍ଥା ଏବଂ ଲୁଣ୍ଠନକାରୀ ଙ୍କ ଉପରେ ଆଇନଗତ ଚ଼ାବୁକ। ଆଜି ରାଜ୍ୟ ର ହଜାର ହଜାର ସମବାୟ ସଂସ୍ଥା ର କର୍ମଚ଼ାରୀ ଅବସର ପ୍ରାପ୍ତ ଦିନ ବିତାଉଛନ୍ତି ଅତି ଦୟନୀୟ ଅବସ୍ଥାରେ । ପାଇପାରୁ ନାହାନ୍ତି ଚ଼ାକିରି କାଳ ର ପାଉଣା। ହଇରାଣ ହେଉଛନ୍ତି ବର୍ଷ ବର୍ଷ ଧରି । କାରଣ ପାଉଣା ମଞ୍ଜୁରୀ କରିବାର ଅଧିକାର ରହିଛି ସେଇ ସଂସ୍ଥା ଲୁଣ୍ଠନକାରୀ ବଡ଼ବାବୁ ଓ ଧଳା ହାତୀ ଙ୍କ ଠାରେ । ସରକାର ଶିଘ୍ର ହସ୍ତକ୍ଷେପ ପୂର୍ବକ ଉଚ଼ିତ ନ୍ୟାୟ ପ୍ରଦାନ ରେ ବିଫଳ । ଏଥିପାଇଁ ଦାୟୀ ସରକାର ନୁହନ୍ତି କି ?ପ୍ରଶ୍ନ ଉଠେ ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ର ରେ ନ୍ୟାୟ ପ୍ରଦାନ ରେ ପକ୍ଷପାତିତା କାହିଁକି ? ଉଲ୍ଲେଖଯୋଗ୍ୟ ଯେ, ଗଣମାଧ୍ୟମ, ଦୂରଦର୍ଶନ ଦ୍ୱାରା ବିଗତ ଦିନରେ ପ୍ରସାରିତ, ପ୍ରଚ଼ାରିତ ଖୋଦ୍ ବିଭାଗୀୟ ମନ୍ତ୍ରୀ ଙ୍କ ଭାଇଙ୍କ ଦ୍ୱାରା କୋଟି କୋଟି ଟଙ୍କା ଠକେଇ ର ଶିକାର ହୋଇଥିବା ନିରୀହ ଜନତା ଦୁର୍ଦ୍ଦଶାର କରୁଣ କାହାଣୀ । ଠକେଇ ତ ନୁହଁ ଡକାୟତି । ବିଭାଗୀୟ ମନ୍ତ୍ରୀ, ସର୍ବୋଚ଼୍ଚ଼ ଅଧିକାରୀ ବସିଛନ୍ତି ମୁହଁ ରେ ତୁଣ୍ଡିବାନ୍ଧି । କାହିଁ ଗଲା ବୀରବର ଙ୍କ ବୀରତ୍ୱ ଆଜି ରାଜ୍ୟବାସୀ ଏହାର ଉତ୍ତର ଖୋଜୁଛନ୍ତି ।ଉପୁଜେ ସରକାର ଙ୍କ ପକ୍ଷପାତିତା ବିଚ଼ାରର । ଏପରି ତୃଟିପୂର୍ଣ୍ଣ ପରିଚ଼ାଳନା ର ଫଳ ସ୍ୱରୂପ ନବେ ପ୍ରତିଶତ ସମବାୟ ପ୍ରତିଷ୍ଠାନ ରେ ଆଜି ଝୁଲୁଛି ତାଲା । ଏଥିପାଇଁ ପରିଚ଼ାଳନା ଦାୟିତ୍ୱ ରେ ଥିବା ସରକାରୀ ବାବୁ ମାନଙ୍କୁ ଦାୟୀ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନା ଲୁଣ୍ଠନ କରିବାକୁ ପ୍ରତିବର୍ଷ ଲାଇସେନ୍ସ ରିନିଉ କରି ଚ଼ାଲିଥିବେ ସରକାର ଯଦି ସରକାର ସତର୍କତା ର ସହିତ ଲଗାମ ନ ଧରନ୍ତି ନାମ ରହିବ ନାହିଁ ସମବାୟର ଏହି ରାଜ୍ୟରେ । ଅତୀତ ଓ ଇତିହାସ ହୋଇ ରହିଯିବ ଓଡିଶା ରାଜ୍ୟ ରେ ଭବିଷ୍ୟତ ପିଢ଼ି ଙ୍କ ପାଇଁ ସ ମ ବା ୟ

**ନିରଞ୍ଜନ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ**

# ଦୁଇଟି ହୃଦୟର ମିଳନରୁ ସୃଷ୍ଟି ହୁଏ ପ୍ରେମ



ସୁବାସ କୁମାର ତାରଣିଆଁ

ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ। ଦୁଇଟି ହୃଦୟର ମିଳନରୁ ସୃଷ୍ଟି ହୁଏ ପ୍ରେମ। ପ୍ରତି ପର୍ବପର୍ବାଣୀ ଭଳି ବା ସ୍ମରଣୀୟ ଦିବସ ଭଳି ପ୍ରେମ ପାଇଁ ମଧ୍ୟ ରହିଛି ଏକ ସ୍ୱତନ୍ତ୍ର ଦିବସ। ପ୍ରତିବର୍ଷ ଫେବୃୟାରୀ ୧୪ ତାରିଖକୁ ଆନ୍ତର୍ଜାତିୟ ଭାଲେଣ୍ଟାଇନ ଡ଼େ ବା ପ୍ରେମ ଦିବସ ରୂପେ ପାଳନ କରାଯାଇଥାଏ। ପ୍ରେମକୁ ଶାଣିତ ସୁନ୍ଦର ଓ ମଜଭୂତ କରିବା ପାଇଁ ପ୍ରେମୀଯୁଗଳ ଏହି ଦିବସରେ ଭେଟି ପ୍ରେମର ପ୍ରତୀକ ସ୍ୱରୂପ ପରସ୍ପରକୁ ଗୋଲାପ ଫୁଲ ଦେଇ ପ୍ରେମକୁ ସ୍ମରଣୀୟ କରିଥାନ୍ତି। ସାମ୍ପ୍ରତିକ ସମୟରେ ପ୍ରେମ ଏକ ମହାମାରୀର ରୂପେ ନେଇଛି। ଏହି ପ୍ରେମ ଯୁବକ ଯୁବତୀଙ୍କୁ ଏପରି ଗ୍ରାସ କରିଛି ଯେ, ଥରେ ଯିଏ ପ୍ରେମଫାଶରେ ଫସିଯାଇଛି, ସେଥିରୁ ମୁକୁଳିବାଟା ବହୁତ କଷ୍ଟକର ହୋଇପଡ଼ିଛି। ଫଳରେ ପ୍ରେମ ପାଇଁ ଘଣୁଛି ଅନେକ ଅଘଟଣ। ପ୍ରେମ ପାଇଁ କେଉଁଠି ଯୁବକ ଆତ୍ମହତ୍ୟା କରୁଛି ତ କେଉଁଠି ଯୁବତୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରୁଛି। ଅନେକ କ୍ଷେତ୍ରରେ ପ୍ରେମରେ ବିଫଳ ହୋଇ ଉଭୟ ପ୍ରେମୀଯୁଗଳ ଏକାଠି ଆତ୍ମହତ୍ୟା କରୁଥିବା ଅନେକ ନିଜର ରହିଛି। ପୌରାଣିକ ଯୁଗରେ ମଧ ପ୍ରେମକୁ ନେଇ ଅନେକ ଦୃଷ୍ଟାନ୍ତ ରହିଛି। ପୁରାଣରେ ରାଧାକୃଷ୍ଣଙ୍କ ପ୍ରେମକୁ ସବୁଠାରୁ ଶ୍ରେଷ୍ଠତମ ପ୍ରେମ ରୂପେ ପ୍ରତିପାଦନ କରାଯାଇଛି। ରାଧାକୃଷ୍ଣଙ୍କ ପ୍ରେମକୁ ଆତ୍ମା ସହିତ ପରମାତ୍ମାର ମିଳନ ବୋଲି ବିବେଚନା କରାଯାଏ। ଯୁବକଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ କେଉଁ ଅନାଦି କାଳରୁ ରହିଆସିଛି। ସାଧାରଣତଃ ହାଇସ୍କୁଲ୍‌ରେ ପାଠ ପଢିବା ସମୟରୁ ହିଁ ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥାଏ। ମୋବାଇଲ ବ୍ୟବହାର ପୂର୍ବରୁ ପ୍ରେମୀଯୁଗଳମାନେ ଚିଠି ମାଧ୍ୟମରେ ସେମାନଙ୍କ ପ୍ରେମକୁ ଦୃଢୀଭୂତ କରୁଥିଲେ। ପାଠ ପଢିବା ବୟସରେ ପାଖରେ ପଇସା ନଥିବାରୁ, କିଛି ଗୋଟେ ବାହାନା କରି ବାପାଙ୍କ ଠାରୁ ପଇସା ଆଣି ପୋଷ୍ଟକାର୍ଡ଼ ବା ଲଫାଫା କିଣି ପ୍ରେମଚିଠି ଲେଖିବା ଥିଲା ଏକ ନିଆରା ଅନୁଭୂତି। ଏହି ପ୍ରେମ କେତେକ କ୍ଷେତ୍ରରେ ବିବାହ ରୂପ ନେଉଥିବା ବେଳେ ଆଉ କେତେକ କ୍ଷେତ୍ରରେ ବାଧାସୃଷ୍ଟି ହୋଇଥାଏ। ବର୍ତ୍ତମାନ ସମୟରେ ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଚିରସ୍ଥାୟୀ ହୋଇପାରୁ ନାହିଁ। କେତେକ କ୍ଷେତ୍ରରେ ପରିବାରର ଅନିଚ୍ଛା ସତ୍ତ୍ୱେ ପ୍ରେମ ବିବାହର ରୂପ ନେଇଥାଏ କିନ୍ତୁ ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ମତାନ୍ତର ଓ ମନାନ୍ତର ଘଟି ତାହା ଛାଡ଼ପତ୍ରର ରୂପ ନେଇଥାଏ। ଫଳରେ ସେମାନଙ୍କ ଦାମ୍ପତ୍ୟ ଜୀବନ ଦୁର୍ବିସହ ହୋଇପଡ଼ିଥାଏ।

ଆମ ସମାଜରେ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା ପାଇଁ ଅନୁମତି ଦିଆଯାଇନାହିଁ। କାରଣ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବା ଏକ ଧର୍ତ୍ତବ୍ୟ ଅପରାଧ। ଆମ ସମାଜ ଏଭଳି ସମ୍ପର୍କକୁ ଏକ ଘୃଣ୍ୟ ଦୃଷ୍ଟିରେ ଦେଖେ। କିନ୍ତୁ ବର୍ତ୍ତମାନ ସମାଜରେ ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଲେ, ସେମାନେ ପ୍ରଥମେ ଶରୀରିକ ସମ୍ପର୍କ ରଖିବାକୁ ବ୍ୟଗ୍ର ହୋଇଉଠନ୍ତି। ଫଳରେ ବିବାହ ପୂର୍ବରୁ ଅନେକ ଯୁବତୀ କୁମାରୀ ମାତୃତ୍ୱ ଲାଭ କରି ସମାଜର କଳଙ୍କକୁ ମୁଣ୍ଡାଇଥାଏ। ସମାଜ ତାକୁ କଳଙ୍କିନୀର ଆଖ୍ୟା ଦେଇଥାଏ। ସେହିପରି ପ୍ରେମ ପୂର୍ବର ଶାରୀରିକ ସମ୍ପର୍କ ରଖିବା ଦ୍ୱାରା ଅନେକ ଯୁବତୀ ଗର୍ଭବତୀ ହୋଇଥାନ୍ତି ଏବଂ ଲୋକଲଜ୍ଜା ଓ ଅପବାଦରୁ ମୁକୁଳିବା ପାଇଁ ନିଜର ଗର୍ଭ ନଷ୍ଟ କରି ଆଉ ଏକ ଅପରାଧକୁ ମୁଣ୍ଡାଇଥାନ୍ତି।

ବର୍ତ୍ତମାନ ଆଧୁନିକ ଯୁଗରେ ପ୍ରେମର ସଂଜ୍ଞା ସମ୍ପୂର୍ଣ୍ଣ ବଦଳି ଯାଇଛି। ପ୍ରେମ ଆଉ ଶାଶ୍ୱତ ଓ ଚିରନ୍ତନ ମଧ୍ୟରେ ସୀମିତ ହୋଇ ରହିନାହିଁ, ପ୍ରେମ ଏକ ଉପଭୋଗ୍ୟ ବସ୍ତୁରେ ପରିଣତ ହୋଇଛି। ଦେହ ଓ ଦାହ ପ୍ରବଣ ପ୍ରେମ ମଣିଷ ସମାଜକୁ ସମ୍ପୂର୍ଣ୍ଣ କବଳିତ କରିସାରିଛି। ଏବେ ପ୍ରେମ ଦିବସକୁ ଭିନ୍ନ ଢଙ୍ଗରେ ପାଳନ କରାଯାଉଛି। ପ୍ରେମର ସଂଜ୍ଞା ବଦଳି ଯାଇଛି, ପ୍ରେମର ପରିଭାଷାରେ ପରିବର୍ତ୍ତନ ଘଟିଛି। ପ୍ରେମ ଚିରନ୍ତନ, ସତ୍ୟ, ସୁନ୍ଦର ଓ ଶାଶ୍ୱତ ବଦଳରେ ଏବେ ପ୍ରେମ ଏକ ଉପଭୋଗ୍ୟ ବସ୍ତୁରେ ପରିଣତ ହୋଇଛି। ପ୍ରେମ ଦିବସ ବଦଳରେ ଏବେ ପ୍ରେମିକ, ପ୍ରେମିକା ପ୍ରତିଦିନ ବିଭିନ୍ନ ପାର୍କ, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ଼ ହୋଟେଲ ବୁଲି ମଉଜ ମଜ୍‌ଲିସ୍ ରହୁଛନ୍ତି ଓ ଅନେକ ସମୟରେ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏବେ ରାଜଧାନୀର ଶହ ଶହ ସଂଖ୍ୟାରେ ପ୍ରେମୀଯୁଗଳ ସହରସାରା ଘୂରି ବୁଲୁଛନ୍ତି ଏବଂ ସର୍ବସାଧାରଣ ସ୍ଥାନରେ ଏଭଳି ଅସଂଯତ ଅବସ୍ଥାରେ ରହୁଛନ୍ତି, ସେହି ବାଟ ଦେଇ ଯିବାକୁ ସାଧାରଣ ଲୋକେ ନିଜକୁ ସଙ୍କୋଚ ମନେ କରୁଛନ୍ତି। ପ୍ରେମ ପାଇଁ ଘଟୁଛି ହିଂସାକାଣ୍ଡ, ପ୍ରେମ ପାଇଁ ଗଡୁଛି ଅନେକ ମୁଣ୍ଡ। ପ୍ରେମରେ ଧୋକ୍କା ହେଉ ଅବା ତ୍ରିକୋଣୀୟ ପ୍ରେମ ହେଉ, ପ୍ରେମ ପାଇଁ ଗଡୁଛି ମୁଣ୍ଡ, ଆତ୍ମହତ୍ୟା କରୁଛନ୍ତି ଅନେକ ପ୍ରେମୀଯୁଗଳ। ଏଥିପାଇଁ ଅନେକ କାରଣ ଅଛି। ପ୍ରଥମତଃ ପ୍ରେମୀଯୁଗଳଙ୍କ ମଧ୍ୟରେ ବୁଝାମଣାର ଅଭାବ ବା ସନ୍ଦେହ ଉପୁଜିଲେ ଉଭୟଙ୍କ ମଧ୍ୟରେ ମନାନ୍ତର ଓ ମତାନ୍ତର ଘଟି ଆତ୍ମହତ୍ୟାର ପନ୍ଥା ଆପଣାଇଥାନ୍ତି। ଦ୍ୱିତୀୟତଃ ପ୍ରେମ କରିବାଟା ପାପ ନୁହେଁ, ଏଥିପାଇଁ ଉଭୟ ଯୁବକ ଯୁବତୀ ନିଜ ପିତାମାତାଙ୍କ ପରାମର୍ଶ ନେବା ଜରୁରୀ। କାରଣ ଯୁବକ ଯୁବତୀ ପ୍ରେମ କରୁଥିଲେ ମଧ ଅନେକ ସମୟରେ ଉଭୟଙ୍କ ଘରର ବିରୋଧ ଯୋଗୁ ସେମାନଙ୍କ ପ୍ରେମରେ ଭଙ୍ଗା ପଡ଼ିଥାଏ। ଶେଷରେ ଉଭୟ ଆତ୍ମହତ୍ୟାର ପନ୍ଥାକୁ ଆପଣାଇଥାନ୍ତି। ତୃତୀୟତଃ ଜାତିଭେଦକୁ ନେଇ ଅନେକ ସମୟରେ ପ୍ରେମରେ ବାଧା ସୃଷ୍ଟି ହୋଇଥାଏ। ପ୍ରେମୀଯୁଗଳ ଯଦି ଉଚ୍ଚ ଓ ନୀଚ ଜାତିର ହୋଥାନ୍ତି, ତେବେ ଏଥିରେ ବିରାଟ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ। ଫଳରେ ଉଭୟଙ୍କ ପରିବାର ତଥା ବନ୍ଧୁ ଓ ପରିଜନଙ୍କ ପକ୍ଷରୁ ଏହି ପ୍ରେମକୁ ସ୍ୱୀକୃତି ନ ମିଳିବାରୁ ଏଥିରେ ମ୍ରିୟମାଣ ହୋଇ ଅନେକ ଯୁବକ ଯୁବତୀ ଆତ୍ମହତ୍ୟା କରିଥାନ୍ତି। ସେହିପରି ଧନୀ ଓ ଗରିବର ପାର୍ଥକ୍ୟ ମଧ ଅନ୍ୟତମ କାରଣ। ଯଦି ଝିଅ ଧନୀଘରର ଏବଂ ପୁଅ ଗରିବ ଘରର କିମ୍ବା ପୁଅ ଧନୀ ଘରର ଏବଂ ଝିଅ ଗରିବ ଘରର ହୋଇଥାଏ, ତେବେ ଏଥି ଯୋଗୁଁ ମଧ ପ୍ରେମରେ ବାଧା ଉପୁଜେ ଏବଂ ଦୁଇ ପରିବାର ମଧ୍ୟରେ ମତାନ୍ତର ଓ ମନାନ୍ତର ଘରି ଏଭଳି ପ୍ରେମକୁ ସ୍ୱୀକୃତି ଦିଅନ୍ତି ନାହିଁ। ଶେଷରେ କୌଣସି ଉପାୟ ନପାଇ ଆତ୍ମହତ୍ୟା ଭଳି ପନ୍ଥାକୁ ଆପଣାଇଥାନ୍ତି। ନିକଟରେ ଯୁବ ମଡ଼େଲର ତଥା ବ୍ୟବସାୟୀ ସୌମ୍ୟରଞ୍ଜନ ପାଣିଗ୍ରାହୀ ତାଙ୍କ ପ୍ରେକିମାଠୁ ଧୋକା ଖାଇ ଶେଷରେ ଆତ୍ମହତ୍ୟା କରିଥିଲେ।

ପ୍ରେମ ପାଇଁ ୨୦୨୧ରେ ରାଜଧାନୀରେ ୨୭୭ଟି ଆତ୍ମହତ୍ୟା ଘଟିଥିଲା। ସେଥିମଧ୍ୟରୁ ୧୯୦ ଜଣ ପୁରୁଷ ଥିଲାବେଳେ ୭୮ ଜଣ ମହିଳା ଆତ୍ମହତ୍ୟା କରିଥିଲେ। ଏମାନଙ୍କ ମଧ୍ୟରେ କେବଳ ଖଣ୍ଡଗିରୀ ଅଞ୍ଚଳରେ ସର୍ବାଧିକ ୬୮ ଜଣ ଆତ୍ମହତ୍ୟା କରିଥିଲେ। ସେହିପରି ୨୦୧୬ରେ ରାଜ୍ୟରେ ମୋଟ ୩୪୨ ଜଣ ଆତ୍ମହତ୍ୟା କରିଥିବା ବେଳେ ୨୦୧୭ରେ ୨୩୮ଜଣ, ୨୦୧୮ରେ ୨୪୨ଜଣ, ୨୦୧୯ରେ ୧୭୨ଜଣ, ୨୦୨୦ରେ ୨୫୦ ଜଣ ଓ ୨୦୨୧ରେ ୩୦୦ଜଣ ଆତ୍ମହତ୍ୟା କରିଥିବା ଏକ ତଥ୍ୟରୁ ଜଣାପଡ଼ିଛି। ସେହିପରି ପ୍ରେମଜନିତ ହତ୍ୟା ମଧ ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ପ୍ରେମକରି ବିବାହ କରିଥିବା ଅନେକ ଦମ୍ପତ୍ତି କିଛି ବର୍ଷରେ ହସିଖୁସିରେ କଟିବା ପରେ ପରବର୍ତ୍ତୀ ସମୟରେ ପାରିବାରିକ କଳହକୁ ନେଇ ସେମାନଙ୍କ ମଧ୍ୟରେ ସମ୍ପର୍କ ତିକ୍ତତା ହୁଏ। ଫଳରେ ସେମାନଙ୍କ ମଧ୍ୟରେ ଅନେକ ଆତ୍ମହତ୍ୟା କରୁଥିବା ବେଳେ ଆଉ କେତେଜଣଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥାଏ। ତେଣୁ ଏହିସବୁ ଜଟିଳ ସମସ୍ୟାର ସମାଧାନ ହୋଇପାରିବ ଯଦି ପ୍ରେମିକ ଓ ପ୍ରେମିକାଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଏବଂ ଉଭୟ ପରିବାରର ସହମତିରେ ହୁଏ, ତେବେ ସାରା ଜୀବନ ପ୍ରେମ ଚିରନ୍ତନ ଓ ଅତୁଟ ରହିବ, ପ୍ରେମ ଜନିତ ଆତ୍ମହତ୍ୟା ଆପେ ଆପେ ଲୋପ ପାଇବ, ଏଥିରେ ଦ୍ୱିମତ ହେବାର ନାହିଁ।

କଣ୍ଟି, ବାହାରଣା,
ବାଲିକୁଦା, ଜଗତସିଂହପୁର
ମୋ : ୮୩୨୮୮୪୦୨୧୪

# ସହଯୋଗୀ ରାଷ୍ଟ୍ରଙ୍କୁ ଭାରତର ସହାୟତା



ସୌମେନ୍ଦ୍ର ଜେନା

ନୂତନ ଆର୍ଥିକ ବର୍ଷ ପାଇଁ ବଜେଟ ଘୋଷଣା ହେବା ବେଳେ କେତେକ ସହଯୋଗୀ ରାଷ୍ଟ୍ରଙ୍କୁ ଭାରତର ସହାୟତା ପ୍ରଦାନ ବିଷୟ ପ୍ରକାଶ କରାଯାଇଛି । ଭାରତ ସରକାରଙ୍କର ଏହି ଆର୍ଥିକ ସହାୟତା ବନ୍ଧୁ ରାଷ୍ଟ୍ରଗୁଡିକର ବିକାଶ ସହ ଆବଶ୍ୟକ ପ୍ରକଳ୍ପର ନିର୍ମାଣରେ ସାହାଯ୍ୟ କରିଆସୁଛି । ବିଶ୍ୱକୁ ଏକ ପରିବାର ଭାବେ ଗଣା କରୁଥିବା ଭାରତୀୟ ସଂସ୍କୃତିରେ ପାରସ୍ପରିକ ସହଯୋଗକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ବୈଦେଶିକ ନୀତିରେ ଏହାର ପରିପ୍ରକାଶ ବଜେଟ ଉପସ୍ଥାପନା ସମୟରେ ଅଧିକ ସ୍ପଷ୍ଟ ହୋଇଛି । ୨୦୨୨-୨୩ ବର୍ଷର ବୈଦେଶିକ ବଜେଟକୁ ଦେଖିଲେ କୋରୋନା କାଳରେ ଭାରତ ଅଧିକ ସଙ୍କଟର ସମ୍ମୁଖୀନ ହୋଇ ମଧ ସହଯୋଗୀ ରାଷ୍ଟ୍ରଗୁଡିକୁ ସହାୟତା ଜାରିରଖିଛି । ଏପରିକି କିରିବାଟୀ ପରି ଛୋଟ ଦ୍ୱୀପ ରାଷ୍ଟ୍ର କୋରୋନାର ମୁକାବିଲା ପାଇଁ ସହାୟତା ପାଇବାକୁ ଅନୁରୋଧ କରିବାପରେ ପ୍ରଶାନ୍ତ ମହାସାଗରୀୟ ଏହି ରାଷ୍ଟ୍ରକୁ ପିପିଇ କିଟ୍, ଅକ୍ସିମିଟର, ସ୍ୱାବ ପରୀକ୍ଷା ସାମଗ୍ରୀ,ଔଷଧପତ୍ର ଆଦି ୧୨ଫେବୃଆରୀ ଦିନ ଭାରତ ଯୋଗାଇ ଦେଇଛି । ଏହି ସାମଗ୍ରୀ ପ୍ରଥମେ ଅଷ୍ଟ୍ରେଲିଆରେ ପହଞ୍ଚିବା ପରେ ସେଠାରୁ କିରିବାଟୀକୁ ପଠାଯିବ । ଉତ୍ତର ଆମେରିକାର ଉପକୂଳରୁ ଏହି ଦ୍ୱୀପ ୫୦୦୦କି.ମି ଦୂରରେ ଅବସ୍ଥିତ । ଦୁଇବର୍ଷ ପାଇଁ ଦ୍ୱୀପଟି କୋରୋନା ଯୋଗୁ ବନ୍ଦ ରହିଥିଲା, ଯାହା ଗତ ମାସ ଖୋଲିଛି । ଫିଜିରୁ ବିମାନରେ ଆସିଥିବା ୫୪ ମଧ୍ୟରୁ ୩୬ଜଣ ଯାତ୍ରୀଙ୍କ ଠାରେ କୋରୋନା ସଂକ୍ରମଣ ଲକ୍ଷଣ ମିଳିଛି । କିରିବାଟୀରେ ମାତ୍ର ଦୁଇଟି ସଂକ୍ରମିତ ରୋଗୀ ରହିଥିଲେ । ଜାନୁଆରୀ ୨୦୨୧ରୁ ଆଜି ମଧ୍ୟରେ ପ୍ରାୟ ୧୦୦ଦେଶକୁ ଭାରତ ସରକାର କୋରୋନାର ଚିକିତ୍ସା ସାମଗ୍ରୀ ଦେଇସାରିଛନ୍ତି ।

ଚଳିତ ବର୍ଷର ବଜେଟରେ ବିଭାଗ ଓ ସହଯୋଗୀ ବନ୍ଧୁରାଷ୍ଟ୍ରଗୁଡିକ ପାଇଁ ଭାରତ ସରକାର ୧୭୨୫୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି । ୨୦୨୦-୨୧ରେ ଏହି ଅର୍ଥ ୧୪୩୨୯କୋଟି ରହିଥିଲା । ପୃଥିବୀରେ ଭିନ୍ନ ଭିନ୍ନ ରାଷ୍ଟ୍ରରେ ଥିବା ଭାରତର ବୈଦେଶିକ ବିଭାଗୀୟ କାର୍ଯ୍ୟାଳୟଗୁଡିକରେ ଖର୍ଚ୍ଚ ପାଇଁ ୩୭୬୯.୦୬କୋଟି ଟଙ୍କାର ବ୍ୟୟ ବରାଦ ରଖାଯାଇଛି । ଭିନ୍ନ ଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ୬୨୯୨ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ଆର୍ଥିକ ଏବଂ ବୈଷୟିକ ସହଯୋଗ ପାଇଁ ୬୦୪୩ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ଭାରତର ବନ୍ଧୁରାଷ୍ଟ୍ରଗୁଡିକର ଦକ୍ଷତା ବୃଦ୍ଧି ପାଇଁ ପ୍ରଦତ୍ତ ପ୍ରଶିକ୍ଷଣ ସକାଶେ ୪୪୭କୋଟି ଟଙ୍କାର ବରାଦ ହୋଇଛି । ଦକ୍ଷିଣ ଏସିଆ ବିଶ୍ୱବିଦ୍ୟାଳୟ ୧୨୦କୋଟି, ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ ପାଇଁ ୩୨୦କୋଟି ଖର୍ଚ୍ଚ ବରାଦ ରହିଛି । ପ୍ରବାସୀ ଭାରତୀୟ ଦିବସ ପାଇଁ ୧୦କୋଟି ଟଙ୍କା ରଖାଯାଇଛି । ସହଯୋଗୀ ରାଷ୍ଟ୍ରଗୁଡିକ ମଧ୍ୟରେ ସବୁଠାରୁ ଅଧିକ ଅର୍ଥ ଭୁଟାନ ପାଇଁ ୨୨୬୬କୋଟି ରଖାଯାଇଛି । ଏହା ପୂର୍ବବର୍ଷ ୩୦୦୪.୯୫ କୋଟି ଥିଲା । ଭୁଟାନରେ ଭାରତ ସରକାରଙ୍କ ସହଯୋଗରେ ଅନେକଗୁଡିଏ ଶକ୍ତି ପ୍ରକଳ୍ପର ନିର୍ମାଣ ଚାଲୁ ରହିଛି । ଭୁଟାନର ଯୋଗାଯୋଗ ବୃଦ୍ଧି ପାଇଁ ସଡକ ନିର୍ମାଣ ଏକ ବଡ ସମସ୍ୟା ହୋଇଥିଲା ବେଳେ ଚୀନର ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା ନିର୍ମାଣ ପାଇଁ ଭାରତର ସହାୟତା ନିହାତି ଆବଶ୍ୟକ । ସେମିତି ଆଫଗାନିସ୍ଥାନକୁ ଚଳିତବର୍ଷ ବଜେଟରେ ୨୦୦କୋଟିର ସହାୟତା ଦେବାକୁ ବ୍ୟବସ୍ଥା ହୋଇଛି । ଯାହା ଗତବର୍ଷ ତୁଳନାରେ ୪୩ପ୍ରତିଶତ କମ୍ । ଯେହେତୁ ସେଠାରେ ଏକ ଗଣତାନ୍ତ୍ରିକ ସରକାର ନାହିଁ ତେଣୁ ଅର୍ଥବ୍ୟୟର ଉପଯୁକ୍ତ ବ୍ୟବସ୍ଥା ହେବା ନେଇ ସନ୍ଦେହ ରହିଛି । ୨୦୨୧-୨୨ ବର୍ଷରେ ଆଫଗାନିସ୍ଥାନ ପାଇଁ ୩୫୦ କୋଟି ବ୍ୟୟ ବରାଦ ହୋଇଥିଲା । କିନ୍ତୁ ଗଣତାନ୍ତ୍ରିକ ସରକାର ନଥିବା ସତ୍ତ୍ୱେ ମ୍ୟାନମାର ପାଇଁ ଗତବର୍ଷ ତୁଳନାରେ ଅଧିକ ଦୁଇଶହ କୋଟି ସହ ୬୦୦କୋଟିର ଖର୍ଚ୍ଚ ବରାଦ ହୋଇଛି । ଏହାର କାରଣ ଚୀନ ପକ୍ଷରୁ ସେଠାରେ ଚାଲିଥିବା ପ୍ରତିଯୋଗିତା । ଶ୍ରୀଲଙ୍କା ଓ ନେପାଳ ପରି ମ୍ୟାନମାର ସରକାରଙ୍କୁ ନିଜ ସପକ୍ଷରେ ନେବାପାଇଁ ଜିନପିଙ୍ଗ ସରକାର ଉଦ୍ୟମ ଚଳାଇଥିବା ହେତୁ ଭାରତ ସରକାର ଗତବର୍ଷ ତୁଳନାରେ ଅଧିକ ୨୦୦କୋଟି ଟଙ୍କା ଜୁଣ୍ଟା ସରକାରଙ୍କୁ ଦେଇଛନ୍ତି । ପାକ୍-ଚୀନ ତରଫରୁ ମ୍ୟାନମାର ସେନା ସରକାରଙ୍କୁ ହାଲୁକା ଯୁଦ୍ଧ ବିମାନ ଜେଏଫ୍ ଥଣ୍ଡର ବିକ୍ରି ପାଇଁ ପ୍ରୟାସ ଚାଲୁରହିଛି । ସେମିତି ଭାରତ ମହାସାଗର ଦ୍ୱୀପରାଷ୍ଟ୍ର ମରିସସ୍ ପାଇଁ ୯୦୦କୋଟି ଅର୍ଥ ବରାଦ ହୋଇଛି । ଭାରତ ମହାସାଗରରେ ସୁରକ୍ଷା ଦୃଷ୍ଟିରୁ ମରିସସ୍ ଭାରତର ପ୍ରମୁଖ ସହଯୋଗୀ ରାଷ୍ଟ୍ର ରହିଆସିଛି । ମରିସସର ନୌସେନା ମୁଖ୍ୟ ଏବଂ ମରିସସ୍‌ର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ପଦରେ ଭାରତୀୟ ଅଧିକାରୀ ରହିଥାନ୍ତି । ତେଣୁ ଭାରତର ସୁରକ୍ଷା ବଳୟରେ ମରିସସ୍ ରହିଛି । ନେପାଳ ପରେ ଅଧିକ ହିନ୍ଦୁ ଏଠାରେ ବସବାସ କରୁଥିବା ହେତୁ ସାଂସ୍କୃତିକ ସଂପର୍କ ଭଲ ରହିଆସିଛି । ଏହା ବ୍ୟତୀତ ଏପ୍ରିଲ ୨୦୦୦ରୁ ସେପ୍ଟେମ୍ବର ୨୦୧୨ ମଧ୍ୟରେ ସର୍ବାଧିକ ବିଦେଶୀ ପୁଞ୍ଜି ନିବେଶ (୧୦୧୭୫୯.୬୮ ମିଲିଅନ୍ ଡଲାର) ଭାରତରେ ହିଁ ମରିସସ୍ କରିବା ସହ ଏକ ନମ୍ବର ସ୍ଥାନ ଦଖଲ କରିଥିଲା । ଏହି ସମୟରେ ମୋଟ ନିବେଶର ୩୨.୮୧ ପ୍ରତିଶତ ପୁଞ୍ଜି ମରିସସ୍ ଯୋଗାଇଥିଲା । ମରିସସ୍ ପାଇଁ ଭାରତ ସବୁଠୁ ବଡ ଆମଦାନକାରୀ ରାଷ୍ଟ୍ର ହୋଇଛି । ସଂପ୍ରତି ଭାରତର ବିଦେଶୀ ପୁଞ୍ଜି ନିବେଶରେ ମରିସସ୍ ଦ୍ୱିତୀୟ ସ୍ଥାନରେ ରହିଛି । ମରିସସ୍‌କୁ ଦ୍ୱିତୀୟ ଭାରତ କୁହାଯାଇଥାଏ । ଚଳିତବର୍ଷ ନେପାଳ ପାଇଁ ୭୫୦କୋଟି ବ୍ୟୟବରାଦ ହୋଇଛି । ଯାହା ଗତବର୍ଷ ୯୯୨କୋଟି ରହିଥିଲା । ନେପାଳରେ ନୂଆ ସରକାର ଦାୟିତ୍ୱ ଗ୍ରହଣ କରିସାରିଥିଲେ ହେଁ ରାଜନୀତିକ ଦୃଷ୍ଟିକୋଣ ସ୍ପଷ୍ଟ ହୋଇପାରୁନାହିଁ । କିନ୍ତୁ ପୂର୍ବବତ୍ ଭାରତର ସାହାଯ୍ୟ ଜାରିଥିଲେ ମଧ ନେପାଳ ସରକାରଙ୍କ ଆଭିମୁଖ୍ୟ ଭାରତ ପ୍ରତି ସ୍ପଷ୍ଟ ହେବା ଆବଶ୍ୟକ । ନେପାଳ ପଛକୁ ମାଲଦ୍ୱୀପକୁ ଚଳିତବର୍ଷ ୩୬୦କୋଟି ଦିଆଯାଇଛି,ଯାହା ଗତବର୍ଷ ତୁଳନାରେ ୯୦ କୋଟି ଅଧିକ । ଜେଲରୁ ବାହାରିବା ପରେ ପୂର୍ବତନ ରାଷ୍ଟ୍ରପତି ୟାମିନ "ଇଣ୍ଡିଆ ଆଉଟ" ଅଭିଯାନ ଜାରି ରଖିଥିଲେ । କିନ୍ତୁ ବର୍ତ୍ତମାନର ସରକାର ଦ୍ୱିପାକ୍ଷିକ ସଂପର୍କକୁ ଖରାପ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାଲାଗି ଆଇନ ପ୍ରଣୟନ କରୁଥିବା ଦୃଷ୍ଟିରୁ ସେଠାରେ ଭାରତର ସ୍ୱାର୍ଥକୁ ସୁରକ୍ଷା ମିଳିବ ବୋଲି ଭାରତ ସରକାରଙ୍କ ବିଶ୍ୱାସ ବଢିଛି । ଫେବୃଆରୀ ମାସ ଶେଷ ସୁଦ୍ଧା ବିଲ୍ ଏଥିପାଇଁ ସାଂସଦରେ ଆସିବ । ମାଲଦ୍ୱୀପ ପୋଲିସ କମିଶନର ମହମ୍ମଦ ହମିଦ ରାଷ୍ଟ୍ରୀୟ ସୁରକ୍ଷା ସମିତି ନିକଟରେ ହାଜର ହୋଇ ପ୍ରକାଶ କରିଛନ୍ତି ଯେ ୟାମିନଙ୍କ ଭାରତ ବିରୋଧୀ ଅଭିଯାନ ପଛରେ ମିଲିଅନ ମିଲିଅନ ଡଲାର ଖର୍ଚ୍ଚ ହୋଇସାରିଲାଣି । ବେଆଇନ ନିଶା ବେପାର କରୁଥିବା ଲୋକେ ଏଥିରେ ସାମିଲ ଅଛନ୍ତି, ଯେଉଁମାନେ ପାକ୍ ଓ ଆଫଗାନିସ୍ଥାନରୁ ନିଶାଦ୍ରବ୍ୟ ଚୋରାରେ ଆଣି ବିକ୍ରି କରୁଛନ୍ତି । ତେବେ ଚୀନ ଏହି ଆନ୍ଦୋଳନ ପାଇଁ ଅର୍ଥ ଯୋଗାଉଥିବା ସ୍ପଷ୍ଟ ହୋଇସାରିଛି । ମାଲଦ୍ୱୀପ ସହ ଭାରତର ପ୍ରତିରକ୍ଷା ସହଯୋଗ ବଢିବା ଯୋଗୁ ଚୀନର ଗାତ୍ରଦାହ ବଢିଛି । ତେଣୁ ଭାରତ ସରକାର ମାଲଦ୍ୱୀପକୁ ସହାୟତା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି ।

ପଡୋଶୀ ବଙ୍ଗଳାଦେଶ ପାଇଁ ଚଳିତ ବର୍ଷ ୩୦୦କୋଟି ବ୍ୟୟବରାଦ ରହିଛି, ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୦୦କୋଟି ଅଧିକ । ବଙ୍ଗଳାଦେଶର ଅନେକଗୁଡିଏ ପ୍ରକଳ୍ପରେ ଭାରତ ଜଡିତ ରହିଛି । ନିକଟରେ ଦେଶର ୮ଟି ସହରରେ ୮ଟି ଆଇଟି ପାର୍କ ନିର୍ମାଣ କରିବାକୁ ଏଲ୍‌ଏଣ୍ଡଟି ସୁଯୋଗ ପାଇଛି । ବଙ୍ଗଳାଦେଶ ସହ ଜଳପଥ ଯୋଗାଯୋଗ ଓ ରେଳପଥ ଯୋଗାଯୋଗ ପାଇଁ କେନ୍ଦ୍ର ସରକାର ଅଧିକ ଜୋର ଦେଉଛନ୍ତି । ଶ୍ରୀଲଙ୍କା ପାଇଁ ଚଳିତବର୍ଷ ୨୦୦କୋଟି ଅର୍ଥ ବରାଦ ହୋଇଛି । ଗତ ଡିସେମ୍ବର ୨୦୨୧ ଓ ଜାନୁଆରୀ ୨୦୨୨ରେ ଭାରତ ସରକାର ଋଣ ପରିଶୋଧ କରିବାଲାଗି ଶ୍ରୀଲଙ୍କା ସରକାରଙ୍କୁ ଆର୍ଥିକ ସହାୟତା ଦେବା ପରେ ପରେ ଭାରତରୁ ତୈଳକ୍ରୟ ପାଇଁ ମଧ ଅର୍ଥପ୍ରଦାନ କରିଛନ୍ତି । ଶ୍ରୀଲଙ୍କା ସରକାର ଦୀର୍ଘଦିନ ଧରି କଟକଣାର ସମ୍ମୁଖୀନ ହୋଇ ଆସୁଛନ୍ତି । ଦେଶର ଆର୍ଥିକସ୍ଥିତି ଦୁର୍ବଳ ହେବା ଯୋଗୁ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଠାରେ ସମାଧାନର ବାଟ ଫିଟିବା ଭାରତ ପାଇଁ କଲ୍ୟାଣକାରୀ । ଶ୍ରୀଲଙ୍କା ପଛକୁ କେନ୍ଦ୍ର ଏସିଆର ରାଷ୍ଟ୍ରଗୁଡିକ ପାଇଁ ୧୪୦କୋଟି ଅର୍ଥ ଦିଆଯାଇଛି । ଯାହା ଗତବର୍ଷ ୧୦୦କୋଟି ଥିଲା । ନିକଟରେ କେନ୍ଦ୍ର ଏସିଆର ଦେଶଗୁଡିକ ସହ ସଂପର୍କ ବୃଦ୍ଧି ପାଇଁ ନଭେମ୍ବର ୨୦୨୧ ଏବଂ ଜାନୁଆରୀ ୨୦୨୨ରେ ଦୁଇଦୁଇ ଥର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହିସବୁ ଦେଶରେ ଭିନ୍ନ ଭିନ୍ନ ବିକାଶମୁଖୀ ପ୍ରକଳ୍ପ ନିର୍ମାଣ ସହ ବାଣିଜ୍ୟ ବୃଦ୍ଧି ପାଇଁ ଭାରତ ସରକାର ଲକ୍ଷ୍ୟ ରଖିଛନ୍ତି । ଆଫ୍ରିକା ମହାଦେଶର ରାଷ୍ଟ୍ରସମୂହ ସହ ଭାରତର ସଂପର୍କ ଭଲ ରହିଆସୁଥିବାରୁ ୨୫୦କୋଟି ଟଙ୍କା ଏହିସବୁ ରାଷ୍ଟ୍ରମାନଙ୍କ ପାଇଁ ବ୍ୟୟ ବରାଦ ହୋଇଛି । କୋରୋନା ପରବର୍ତ୍ତୀ କାଳରେ ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଓ ବାଣିଜ୍ୟ କ୍ଷେତ୍ରରେ ଆଫ୍ରିକାର ଦେଶମାନଙ୍କ ପାଇଁ ସହାୟତା ଆବଶ୍ୟକ ହେବ । ପୂର୍ବରୁ କୋରୋନା ଚିକିତ୍ସା ଲାଗି ଔଷଧ, ଟିକା ଓ ଉପକରଣ ଆଦି ଭାରତ ସରକାର ଗତବର୍ଷଠାରୁ ପଠାଇବା ଜାରି ରଖିଛନ୍ତି । ଛୋଟ ଦେଶ ମଧ୍ୟରେ ସେଚେଲେସ ଦ୍ୱୀପ ପାଇଁ ୧୪କୋଟି ଏବଂ ମଙ୍ଗୋଲିଆ ପାଇଁ ୧୨କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଛି । ଗତବର୍ଷ ସେଚେଲେସ ପାଇଁ ୧୬୦କୋଟିର ବ୍ୟୟବରାଦ ହୋଇଥିଲା । କିନ୍ତୁ ମଙ୍ଗୋଲିଆ ପାଇଁ ଗତବର୍ଷ ୨କୋଟି ଥିଲାବେଳେ ଚଳିତବର୍ଷ ୧୨କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଦକ୍ଷିଣ ଆମେରିକାର ରାଷ୍ଟ୍ରଗୁଡିକ ପାଇଁ ୪୦କୋଟିର ଅର୍ଥବରାଦ ରହିଛି । ଲାଟିନ ଆମେରିକାର ରାଷ୍ଟ୍ରଗୁଡିକରେ ଭାରତର ସକ୍ରୀୟତା ଆଶାନୁରୂପେ ବଢିବା ସମ୍ଭବପର ହୋଇନାହିଁ । ଏହାର କାରଣ ଦୂରତା, ସାଂସ୍କୃତିକ ସଂପର୍କଗତ ଫରକ । ସଂଖ୍ୟାଧିକ ଲାଟିନ୍ ଆମେରିକା ରାଷ୍ଟ୍ରରେ ଇଉରୋପର ଭାଷା ଓ ଚାଲିଚଳଣିର ପ୍ରଭାବ ଦେଖାଦେଇଥାଏ । ବାଣିଜ୍ୟିକ ସକ୍ରୀୟତାର ବହୁ ସୁଯୋଗ ଏଠାରେ ରହିଛି । ଯାହାକୁ ଭାରତର କମ୍ପାନୀମାନେ ହାତେଇ ପାରିବେ।

ପୃଥିବୀରେ ପ୍ରତି ମୁହୂର୍ତ୍ତରେ ବୈଶ୍ୱିକ ପରିସ୍ଥିତି ବଦଳିବାରେ ଲାଗିଛି, ଗୋଷ୍ଠୀ ବଦଳିବାରେ ଲାଗିଛି, ଦେଶମାନଙ୍କର ସ୍ୱାର୍ଥ ମଧ ବଦଳିବାରେ ଲାଗିଛି । ଏହି ପ୍ରତିଯୋଗିତାମୂଳକ ସ୍ୱାର୍ଥର ଲଢେଇ ଭିତରେ ଭାରତର କୂଟନୀତିକୁ ସୁଦୃଢ କରି ଦ୍ୱିପାକ୍ଷିକ ସଂପର୍କ ବୃଦ୍ଧି ମାଧ୍ୟମରେ ଆଗରୁ ଯିବାପାଇଁ ଭାରତର ବୈଦେଶିକ ବିଭାଗ ସମଗ୍ର ବିଶ୍ୱରେ କାର୍ଯ୍ୟକରୁଛି । ବିବିଧ କ୍ଷେତ୍ରରେ ସକ୍ରୀୟତାର ସହ ବିଶ୍ୱକୁ ପ୍ରଭାବିତ କରୁଥିବା ସକାରାତ୍ମକ ଦୃଷ୍ଟିକୋଣକୁ ଆଧାର କରି ଭାରତର ବିଦେଶନୀତି ଆଗକୁ ଆଗକୁ ବଢିଚାଲିଛି । ସହଯୋଗୀ ରାଷ୍ଟ୍ରମାନଙ୍କ ସହଯୋଗ କ୍ରମେ ଜାତିସଂଘର ଅନେକ ବିଷୟରେ ଭାରତର ମତକୁ ସ୍ୱୀକୃତି ମିଳିଛି । ଆଗାମୀ ଦିନରେ ପୃଥିବୀରେ ସଦ୍‌ଭାବ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ଯେପରି ରହେ ସେଥିପ୍ରତି ଧ୍ୟାନ ଦେବାକୁ ହେବ । ସୀମିତ ସମ୍ବଳ ମାଧ୍ୟମରେ ସହଯୋଗୀ ରାଷ୍ଟ୍ରକୁ ସୁଦୃଢ ଓ ସମୃଦ୍ଧ କରିବା ପାଇଁ ଭାରତର ପ୍ରୟାସକୁ ସବୁଦେଶ ସମ୍ମାନ ଦେଇଆସିଛନ୍ତି, ଆଗକୁ ମଧ ଦେଇଚାଲିବେ,ଏଥିରେ ସନ୍ଦେହ ନାହିଁ

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩




## ଏତେ ପରିମାଣରେ ହେରୋଇନ ଗୁଜରାଟ ଦେଇ ଭାରତକୁ ପ୍ରବେଶର ଉଦ୍ଦେଶ୍ୟ କ'ଣ ?

ଭୁବନେଶ୍ୱର (ପିଏନ୍)- ୧ଲକ୍ଷ ୯୭ ହଜାର କୋଟିର ହେରୋଇନ ଭାରତ ଭିତରକୁ କିପରି ଆସିଲା ଏବଂ କାହା ମାଧ୍ୟମରେ ଆସିଲା, ଏବଂ କାହିଁକି କେନ୍ଦ୍ରର ମୋଦି ସରକାର ଚୁପ । ସେପ୍ଟେମ୍ବର ମାସ ୧୫ ତାରିଖ ୨୦୨୧ ତାରିଖ ଗୁଜୁରାଟର ମୁନ୍ଦ୍ରା ବନ୍ଦରରେଠାରେ ତିନି ହଜାର କିଲୋଗ୍ରାମର ହେରୋଇନ ଜବତ କରାଗଲା । ଏହାର ବଜାର ମୂଲ୍ୟ ପାଖାପାଖି ୨୧ ହଜାର କୋଟି ଟଙ୍କା ହେବ । ଠିକ୍ ସେହିଭଳି ଭାବରେ ଜୁନ ମାସ ୨୦୨୧ ମସିହାରେ ୨୫ ହଜାର କିଲୋଗ୍ରାମର ହେରାଇନ ଟେଲକମ ପାଉଡର ଖଣ୍ଡ (ଦେହମାଖା ପାଉଡର) ଆକାରରେ ଭାରତ ଭିତରକୁ ଆସିଥିବାର ସଂଦେହ କରାଯାଉଛି । ଯାହାର ବଜାର ମୂଲ୍ୟ ୧ଲକ୍ଷ ୭୫ ହଜାର କୋଟି ଟଙ୍କା ହେବବୋଲି ଆକଳନ କରାଯାଉଛି । ଏ ପର୍ଯ୍ୟନ୍ତ ଏତେ ବଡ଼ ପରିମାଣରେ ହେରୋଇନ ପୃଥିବୀର କୌଣସି ବନ୍ଦରରେ କେବେହେଲେ ଜବତ କରାଯାଇନାହିଁ । ଏତେ ପରିମାଣରେ ହେରାଇନ କେଉଁ ଦେଶରୁ ଆସିଲା ଏବଂ ଏହାର ରପ୍ତାନୀକାରୀ କିଏ ସେ ସଂସ୍ଥାର ନାମ କଣ, ଏହା କେଉଁ ପୋର୍ଟରୁ ଭାରତ ଅଭିମୁଖେ ରପ୍ତାନୀ କରାଯାଇଥିଲା ଏବଂ ଭାରତରେ କେଉଁ ସଂସ୍ଥା ଏହାକୁ ଆମଦାନୀ କରୁଥିଲା ଏହା ଏତେ ପରିମାଣର ହେରୋଇନ ଆମଦାନୀ କରିବାର ଉଦ୍ଦେଶ୍ୟ କ'ଣ ? ଏହି ସମସ୍ତ ହେରୋଇନ ଗୁଜୁରାଟର ଯେଉଁ ମୁନ୍ଦ୍ରା ପୋର୍ଟ ଦେଇ ଭାରତକୁ ପ୍ରବେଶ କରିଛି ଶିଳ୍ପପତି ଆଦାନୀ ଗ୍ରୁପ କମ୍ପାନୀ ଏହାକୁ ପରିଚାଳନା କରୁଛନ୍ତି । ଏତେ ପରିମାଣର ହେରୋଇନ ଭାରତ ଭିତରକୁ ପ୍ରବେଶ କରିବା ଏକ ବଡ଼ ଚିନ୍ତା ଏବଂ ଉଦ୍‌ବେଗର କାରଣ ବୋଲି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି । ଶ୍ରୀ ପଟ୍ଟନାୟକ ଆହୁରି ମଧ୍ୟ କହିଛନ୍ତି ଯେ ଏହି ହେରୋଇନ ଭାରତବର୍ଷର ଯୁବବର୍ଗଙ୍କର ଭବିଷ୍ୟତକୁ ଅନ୍ଧାକାର ମଧ୍ୟକୁ ଠେଲି ଦେବାପାଇଁ ଅଣାଯାଇଛି କି ବୋଲି ପ୍ରଶ୍ନ କରିଛନ୍ତି । କିଭଳି ଭାବରେ ବନ୍ଦରର ଥିବା କର୍ମଚାରୀମାନେ ଏବଂ ଇଂଟେଲିଜେନ୍ସ ବିଭାଗ ତଥା ତଦାରଖିକାରୀ ବିଭାଗ ଏ ସମସ୍ତ ଘଟଣାକୁ ଜାଣିପାରୁନାହାଁନ୍ତି ? ନା ଜାଣିଶୁଣି ଏଭଳି ଅନୈତିକ କାର୍ଯ୍ୟ ମାଧ୍ୟମରେ କୋଟି କୋଟି ଟଙ୍କା ରୋଜଗାର କରିବା ଅନ୍ୟତମ ଏକ ଦିଗ କି ? ଏଭଳି ସ୍ଥିତିରେ ଭାରତବର୍ଷର ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ନିଜ ରାଜ୍ୟରେ ଏତେ ପରିମାଣରେ ହେରୋଇନ ଜବତ ହେଉଥିବା ବେଳେ ଏ ବାବଦରେ କୌଣସି ତଥ୍ୟ ନରଖିବା ଏହା ଦେଶବାସୀଙ୍କୁ ଅଧିକ ବିସ୍ମିତ ଓ ଚିନ୍ତାଜନକ ସ୍ଥିତି ସୃଷ୍ଟିକରୁଛି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି ।

## କମ୍ ଦିନରେ ଭାଙ୍ଗିଗଲା ନିମ୍ନମାନର ପାଚେରୀ



ଆନନ୍ଦପୁର (ପିଏନ୍): ହାଟଡିହି ବ୍ଲକ ଅଧିନ ହଦଗଡ ସ୍ୱାସ୍ଥ୍ୟକେନ୍ଦ୍ରର ସୁରକ୍ଷା ପାଚେରୀ ଭାଙ୍ଗି ପଡିଥିବା ଦେଖିବାକୁ ମିଳିଛି । କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁଯାୟୀ ୩୦ଲକ୍ଷ ଟଙ୍କାର ଅନୁଦାନ କ୍ରମେ ମୁଖ୍ୟ ତୋରଣ,ଛୋଟ ଗାର୍ଡେନ ପାଇଁ ଲୁହାର ସୁରକ୍ଷା ବାଡ, ଏକ ନୂତନ ଗୃହ, ଇଟା ଦ୍ୱାରା ଫ୍ଲୋରିଂ କାର୍ଯ୍ୟ ସହ ପୂର୍ବରୁ ଥିବା ଅଳ୍ପ ଉଚ୍ଚତା ବିଶିଷ୍ଟ ପାଚେରୀର ଉଚ୍ଚତା ବଢାଇବା କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା । ୧ମାସ ତଳେ ନିର୍ମାଣ ହୋଇଥିବା ଉକ୍ତ ପାଚେରୀର କିଛି ଅଂଶ ଭାଙ୍ଗି ଧରାଶାୟୀ ହୋଇ ଯାଇଛି । ପ୍ରକାଶ ଥାଉକି ଉକ୍ତ ପାଚେରୀ କାମ ସମୟରେ ପାଚେରୀକୁ ଲାଗି ଅତ୍ୟଧିକ ମାଟି ପକାଯାଇଥିଲା । ଯାହାକି ଅତ୍ୟଧିକ ମାଟି ଯୋଗୁଁ ବର୍ଷା ପାଣିର ଚାପରେ ଭାରସାମ୍ୟ ହରାଇ ପାଚେରୀଟି ଗଡି ପଡିଲା । ଏଥିରୁ ଅନୁମାନ ହେଉଛି ଯେ ଉକ୍ତ କାର୍ଯ୍ୟଗୁଡିକ ଅତି ନିମ୍ନମାନର ବୋଲି । ଯାହାକି କାର୍ଯ୍ୟ କରାଉଥିବା ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରୁ ଏଭଳି ଘଟୁଥିବା ନେଇ ଅନୁମାନ ହେଉଛି । ଏଭଳି ନିମ୍ନମାନର କାର୍ଯ୍ୟ ପ୍ରତି କେନ୍ଦୁଝର ଜିଲ୍ଲାପାଳ ଓ ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ବିଶ୍ୱ ପର୍ଯ୍ୟଟନ ଦିବସରେ ଉଠିଲା ଦାବି: ପିକ୍‌କ ଭ୍ୟାଲିକୁ ଇକୋ ଟୁରିଜିମ୍‌ର ମାନ୍ୟତା ମିଳୁ

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୭ ତାରିଖଟିକୁ ସାରା ବିଶ୍ୱରେ ବିଶ୍ୱ ପର୍ଯ୍ୟଟନ ଦିବସ ରୂପେ ପାଳନ କରାଯାଇଥାଏ । ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥିକ କ୍ଷେତ୍ରରେ ବିକାଶ ତଥା ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଆମ ଓଡ଼ିଶାରେ ଏମିତି ଅନେକ ସୁନ୍ଦର ପର୍ଯ୍ୟଟନସ୍ଥଳୀ ରହିଛି ଯାହା ଏପର୍ଯ୍ୟନ୍ତ ସରକାରୀସ୍ତରରେ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପାଇନାହିଁ । ସେଥିମଧ୍ୟରୁ ରାଜଧାନୀ ଭୁବନେଶ୍ୱର ନିକଟରେ ଥିବା ପିକ୍‌କ ଭ୍ୟାଲି ଯାହା ସାମ୍ନାକୁ ଆସିଛି । ସ୍ମାର୍ଟନଗରୀ ଭୁବନେଶ୍ୱର ଠାରୁ



ମାତ୍ର ୩୦ କିଲୋମିଟର ଏବଂ କଟକଠାରୁ ୧୫ କିଲୋମିଟର ମଧ୍ୟରେ ରହିଛି ଏହି ପିକ୍‌କ ଭ୍ୟାଲି । ସକାଳ ଓ ସନ୍ଧ୍ୟା ହେଲେ ଏଠି ଶହ ଶହ ସଂଖ୍ୟାରେ ମୟୂର ଏକତ୍ରିତ ହେବାର ଦୃଶ୍ୟ ଦେଖିବାକୁ ମିଳିଥାଏ । ଯାହା ବର୍ତ୍ତମାନ ପିକ୍‌କ ଭ୍ୟାଲି ରୂପେ ବେଶ୍ ଖ୍ୟାତି ଅର୍ଜନ କରିପାରିଛି । ପର୍ଯ୍ୟଟନ ଦୃଷ୍ଟିରୁ ଏହା ଏକ ଖାସ୍ ଆକର୍ଷଣୀୟ ବହନ କରିଥାଏ । ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଉକ୍ତ ସ୍ଥାନଟି ଏକ ନିଆରା ହୋଇଥିବା ବେଳେ ଏହାକୁ ଇକୋ ଟୁରିଜିମ୍‌ର ମାନ୍ୟତା ଦେବାକୁ ବିଶ୍ୱ ପର୍ଯ୍ୟଟନ ଦିବସରେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି । ଉକ୍ତ ଅଞ୍ଚଳରେ ପାଖାପାଖି ଏକ ହଜାରରୁ ଉର୍ଦ୍ଧ୍ୱ ମୟୂର ବାସ କରୁଥିବାର ଆକଳନ କରାଯାଏ ଯାହାକି ଉକ୍ତ ଅଞ୍ଚଳଟି ବେଶ୍ ଶୋଭାବର୍ଦ୍ଧନ କରିଥାଏ । କଟକ ଜିଲ୍ଲା ଅନ୍ତର୍ଗତ ନରାଜ ରୋଡ଼ ଯିବା ରାସ୍ତାରେ ପଡ଼େ ତଳଗର । ଏଇଠି ରହିଛି ପିକ୍‌କ ଭ୍ୟାଲି । ଏବେ ପର୍ଯ୍ୟଟକଙ୍କ ବେଶ୍ ଆକର୍ଷଣୀୟ କେନ୍ଦ୍ରବିନ୍ଦୁ ପାଲଟିଛି । ପିକ୍‌କ ଭ୍ୟାଲିକୁ ନେଇ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି ପୁଳା ପୁଳା ୟୁଟ୍ୟୁବ୍ ଭିଡ଼ିଓର ଚିତ୍ର । ଏହାକୁ ଦେଖି ପର୍ଯ୍ୟଟକମାନେ ବେଶ୍ ଆକର୍ଷିତ ହେଉଥିବାର ଜଣାପଡ଼ିଛି । ସମ୍ପ୍ରତି ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ବିକଶିତ ହୋଇଚାଲିଛି ଇକୋଟୁରିଜମ୍ ପ୍ରକଳ୍ପ । କିନ୍ତୁ ଉକ୍ତ ଅଞ୍ଚଳଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଥିବାର ମନେହୁଏ । ଇକୋ ଟୁରିଜିମ୍‌ରେ ନୂଆ ସମ୍ଭାବନା ଓ ନୂଆ ଚମକ ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରାଯାଉଛି । ପରିବେଶ ସୁରକ୍ଷା ଓ ପରିବେଶ ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏହାର ମୂଳଲକ୍ଷ୍ୟ । ପୃଥିବୀର ବିଭିନ୍ନ ଦେଶରୁ ନିୟମିତ ବ୍ୟବଧାନରେ ପର୍ଯ୍ୟଟକମାନେ ଓଡ଼ିଶାର ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ଭିଡ଼ ଲାଗି ରହୁଛି । ଏଣୁ ଏହି ପିକ୍‌କ ଭ୍ୟାଲିକୁ ସରକାରୀସ୍ତରରେ ଇକୋ ଟୁରିଜିମ୍‌ର ମାନ୍ୟତା ଦିଆଗଲେ ଆମର ଜାତୀୟ ସ୍ୱୀକୃତି ପାଇଥିବା ମୟୂର ପକ୍ଷୀର ସୁରକ୍ଷା ସହ ଏହାର ବଂଶ ବୃଦ୍ଧିରେ ବେଶ୍ ସହାୟକ ହୋଇପାରିବ । ଏତଦ୍‌ସହ ରାଜ୍ୟର ରାଜସ୍ୱ ବୃଦ୍ଧି ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବେଶ୍ ସହାୟକ ହୋଇପାରିବା ସଙ୍ଗେ ସଙ୍ଗେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଏହା ଅନେକଙ୍କ ପାଇଁ ଜୀବନ ଜୀବିକାର ମାଧ୍ୟମ ପାଲଟିଯିବ । ଏଣୁ ଏ ନେଇ ଶ୍ରୀ ସାହୁ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଙ୍ଗଲ ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ପତ୍ର ମାଧ୍ୟମରେ ପିକ୍‌କ ଭ୍ୟାଲିକୁ ଇକୋ-ଟୁରିଜିମ୍‌ର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି ।

## ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, କେନ୍ଦୁଝର ଶାଖାର ନୂତନ କର୍ମକର୍ତ୍ତା ଚୟନ



କେନ୍ଦୁଝର (ପିଏନ୍):ଶନିବାର ରାଙ୍କୀ ଆଶ୍ରମ ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ, କେନ୍ଦୁଝରର ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ଉପସ୍ଥିତିରେ ନରଣପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ କବିତା ରାଣୀ ଦାସଙ୍କ ଅଧ୍ୟକ୍ଷତାରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ , କେନ୍ଦୁଝର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଂଘ ସାଂଗଠନିକ ସମ୍ପାଦକ ରଂଜନ କୁମାର ବେହେରା, ଶିକ୍ଷକ ନେତା ଦୈତାରୀ ଦିଗାଲ ଏବଂ କେନ୍ଦୁଝରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଜିତ କୁମାର ସାହୁଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଂଘର କର୍ମକର୍ତ୍ତାଙ୍କୁ ମନୋନୟନ କରାଯାଇଥିଲା । ଭଗାମୁଣ୍ଡା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ସରୋଜ କୁମାର ନନ୍ଦ ସଂଘର ପୂର୍ବ ବିବରଣୀ ଏବଂ ଆଭିମୁଖ୍ୟ ପାଠ କରିଥିଲେ । ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକାଶ ଚନ୍ଦ୍ର ଶତପଥି ପୂର୍ବ ସଂଘ ଭଙ୍ଗା ଯାଇ ଆଶ୍ରମ ଓ ଉଚ୍ଚ ବିଦ୍ୟାଳୟର ଦୁଇ ସଂଘ ମିଳିତ ହୋଇ ଗୋଟିଏ ସଂଘ ଭାବରେ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଥିଲେ । କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ଆଇଚ ସଭା ପରିଚାଳନା କରିଥିଲେ । ବୈଠକ କେନ୍ଦ୍ରରେ କୋଭିଡ୍ ନିୟମ ପାଳନ ପୂର୍ବକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥାରେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁ ସହଯୋଗ କରିଥିଲେ । ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପ୍ରସ୍ତାବ ଓ ସମର୍ଥନ କ୍ରମେ ତୀର୍ଥାନନ୍ଦ ସେଠୀ ସଭାପତି ଭାବେ ସରୋଜ କୁମାର ନନ୍ଦ ସାଧାରଣ ସମ୍ପାଦକ ଭାବେ,କୃଷ୍ଣାନ ଆଚାର୍ଯ୍ୟ ଓ କିରାଣୀ ମହାନ୍ତ ଯୁଗ୍ମ ସମ୍ପାଦକ ଭାବେ,ସୋମନାଥ ଆଇଚ ଏବଂ ମଣ୍ଡଳ କୁମାର ପଣ୍ଡା ସାଂଗଠନିକ ସମ୍ପାଦକ ଭାବେ, ଅମୂଲ କୁମାର ମହାନ୍ତି ଓ ଯତୀନ କୁମାର ବାରିକ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ନବନିର୍ବାଚିତ ପ୍ରତିନିଧିମାନେ ଶପଥ ପାଠ ପରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ଦାବି ପୂରଣ ସହ ସେମାନଙ୍କ ବିଭିନ୍ନ ସମସ୍ୟା ସମାଧାନରେ ବ୍ରତୀ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡ଼ଚଣା ପୋଲିସର ଚଢ଼ାଉ,୩୦ ଗୋରୁ ଉଦ୍ଧାର

ଚଣ୍ଡିଖୋଲ (ପିଏନ୍)-ଦିନକୁ ଦିନ ବଡ଼ଚଣା ଅଂଚଳରେ ବେଆଇନ ଭାବେ ଗୋରୁଚାଲାଣ ବୃଦ୍ଧିପାଇବାରେ ଲାଗିଛି.ପ୍ରଶାସନର ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉନଥିବାରୁ ଏହି ଗୋରୁଚାଲାଣ ବନ୍ଦ ହେବ ପରିବର୍ତ୍ତେ ବୃଦ୍ଧିପାଇବାରେ ଲାଗୁଛି । କିଛିଦିନ ତଳେ ଦର୍ପଣ ଅଂଚଳରୁ ବେଆଇନ ଭାବେ ଏକ କନଟଇନରେ ୬୦ରୁ ଉର୍ଧ ଗୋରୁକୁ ଦୟନୀୟ ଅବସ୍ଥାରେ ନେଇଯାଉଥିବା ସମୟରେ ବଡ଼ଚଣା ପୋଲିସ ସାନ୍ତେଓ୍ୱାରକୁ ଧରି ୩ ଜଣ ଗୋରୁବେପାରୀଙ୍କୁ କୋର୍ଟ ଚାଲାଣ କରିଥିଲା । ପୁନଶ୍ଚ ଗତ ଶୁକ୍ରବାର ରାତିରେ ଏକ ୧୦ ଚକିଆ ଟ୍ରକ ଯାହାର ନ (ଓଡ଼୦୯ ର ୭୫୧୧) ୩୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଅତିଦୟନୀୟ ଅବସ୍ଥାରେ ଦର୍ପଣ ଅଂଚଳରୁ ନେଇଯାଉଥିବାର ବିଶେଷ ସୂତ୍ରରୁ ବଡ଼ଚଣା ଥାନା ଅଧିକାରୀ ଖବର ପାଇଥିଲେ .ଥାନା ଅଧିକାରୀ ସଂଗେ ସଂଗେ ଏକଟିମ କରି ଗାଡ଼ିଟିକୁ ଧରିବାପାଇଁ ଘଟଣା ସ୍ଥଳରେ ପହଂଚିବା ସମୟରେ ଗାଡ଼ିଟିର ଚାଳକ ଗାଡ଼ିଟିକୁ ଦ୍ରୁତଗତିରେ ନେଇପଳାଇଯାଇଥିଲା । ପୋଲିସ ଟିମ ଉକ୍ତ ଗାଡିର ପିଛାକରି ଜାରକା ଠାରେ ରାସ୍ତା ଯାମ ଥିବାରୁ ଏହାର ସୁଯୋଗନେଇ ଚାଳକ ଓ ଖାଲସି ଗାଡି ଛାଡି ପଳାଇଯାଇଥିଲେ । ବଡ଼ଚଣା ପୋଲିସ ଗାଡ଼ିଟିକୁ ଜବତ କରି ଚଣ୍ଡିଖୋଲ ଫାଣ୍ଡିକୁ ଆଣିଥିଲେ । ଏ ସଂକ୍ରାନ୍ତରେ ଏକ କେଶ ୩୫୭/୨୦୨୧ ରୁଜୁ କରି ଅଧିକ ତଦନ୍ତ ଜାରିରହିଛି ବୋଲି ଥାନାଅଧିକାରୀ ପ୍ରିୟବ୍ରତ ରାଉତ କହିଛନ୍ତି । ଗାଡ଼ିରେ ଥିବା ଗୋରୁଗୁଡ଼ିକୁ ନିକଟସ୍ଥ ନାନପୁର ଗୋଶାଳାରେ ଛାଡିଥିବାର ଖବର ମିଳିଛି । ଏଠାରେ ପ୍ରଶ୍ନ ଉଠେ ନାନପୁର ଗୋଶାଳାରେ କିଛିଦିନ ତଳେ ଉଦ୍ଧାର ହୋଇ ରଖାଯାଇଥିବା ଗୋରୁଗୁଡ଼ିକୁ ଗୋଶାଳା ମାଲିକ ବିକ୍ରିକରିଦେଇଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହେଲା ପରେ ମଧ୍ୟ ପୁନର୍ବାର କେଉଁ ଭରସାରେ ଏହି ଗୋରୁଗୁଡିକୁ ପୋଲିସ ସେଠାରେ ଛାଡିଲା ତାହା ଆଲୋଚନାର ବିଷୟ ହୋଇଛି ।

## ସାମ୍ବାଦିକ ଅରିନ୍ଦମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ



କେନ୍ଦ୍ରାପଡ଼ା (ପିଏନ୍): ଓଟିଭିର ବରିଷ୍ଠ ସାମ୍ବାଦିକ ଅରିନ୍ଦମ ଦାଶଙ୍କ ବିୟୋଗରେ କେନ୍ଦ୍ରାପଡା କର୍ମଜୀବୀ ସାମ୍ବାଦିକ ସମୂହ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଥମେ ମହମବତୀ ଜାଳି ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଅରିନ୍ଦମ ଦାଶଙ୍କ ତ୍ୟାଗ, ବଳିଦାନ ଓଡିଆ ସାମ୍ବାଦିକତା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସ୍ମୃତି ସଭାରେ ବହୁ ସାମ୍ବାଦିକ, ସମାଜସେବୀ, ବୁଦ୍ଧିଜିବି ଓ ରାଜନେତା ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ସ୍ମୃତି ସଭାରେ ମନୋଜ ସ୍ୱାଇଁ, ଚିତରଞ୍ଜନ ଦାସ, ସୋମନାଥ ସାହୁ, ପ୍ରଭାତ ପରିଡା, ମହେଶ ପାଢୀ, ଜୀବନ ସିଂ, ଜଗନ୍ନାଥ ଧଳ, ପ୍ରଶାନ୍ତ ନାୟକ, ଦିଲ୍ଲିପ ମହାନ୍ତି, ପ୍ରଫୁଲ୍ଲ ସାହୁ, ଉମାକାନ୍ତ ମହାପାତ୍ର, ବୀରେନ୍ଦ୍ର ଦାସ, ଉମେଶ ପାଢୀ, ଦୁର୍ଗା ପତି, ନାରାୟଣ ସାହାଣୀ, ସୁବାଷ ସାମଲ, ରବିନାରାୟଣ ପତି, ଚିତ୍ତରଞ୍ଜନ ସାହୁ, କୈଳାସ ସାହୁ, ହରେକୃଷ୍ଣ ବେହେରା, ସେକ ହାପିଜୁଦ୍ଦିନ, ଲକ୍ଷ୍ମୀକାନ୍ତ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ମ୍ୟୁନିସିପାଲ ପ୍ରିମିୟର ଲିଗ ଆୱାର୍ଡ ପାଇଲେ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏମପିଏଲ- ୧-୦ ଓ ଏମପିଏଲ-୨-୦କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କଠିନ ପରିଶ୍ରମ କରି ସଫଳତାର ସହ ରୂପାୟନ କରିଥିବାରୁ କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳଙ୍କୁ ଗତ ଶନିବାର ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନସନ ସେଣ୍ଟରରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ରାଜ୍ୟର ପୌରନିଗମ ସମେତ ବିଭିନ୍ନ ପୌରସଂସ୍ଥାର ନିର୍ବାହୀ ଅଧିକାରୀମାନଙ୍କୁ ମଧ୍ୟ ଏହି ଆୱାର୍ଡ ପ୍ରଦାନ କରାଯାଇଛି । ପୌରସଂସ୍ଥା ଗୁଡିକ ସମ୍ପତ୍ତି କର ବୃଦ୍ଧି କରିବା ସହ ଆଦାୟ କରର ଡିଜିଟାଇଜେସନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି ।

## ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ (ସି.ଆଇ.ଟି.ୟୁ) କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସମସ୍ତ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସଂପୃକ୍ତ ପାଚିକା ଓ ସହାୟିକାମାନଙ୍କୁ ସ୍କିମ୍ ଶ୍ରମିକ ଭାବେ ବିଚାର କରାନଯାଇ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବା, ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ କାର୍ଯ୍ୟରୁ ଅବସର ବୟସ ୬୨ବର୍ଷ କରାଯିବା, ବର୍ଷକୁ ୨ଥର ଶାଢୀ ଓ ଆପ୍ରୋନ ପ୍ରଦାନ କରାଯିବା, ପ୍ରତ୍ୟେକ ବିଦ୍ୟାଳୟକୁ ଜାଳେଣି ପାଇଁ ଉଜ୍ଜ୍ୱଳା ଜାଳେଣି ଗ୍ୟାସ ଯୋଗାଇ ଦିଆଯିବା, ପ୍ରତ୍ୟେକ ବିଦ୍ୟାଳୟରେ ପାନୀୟ ଜଳ ଯୋଗାଣ ସହିତ ଆକ୍ୱାଗାର୍ଡ ସଂଯୋଗ କରାଯିବା, ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୃଷ୍ଟିସାର ଯୁକ୍ତ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯିବା, ରାଜ୍ୟ ସରକାର ତାଙ୍କ ଅଂଶ ବାବଦରେ ୪ଶହ ଟଙ୍କା ପ୍ରଦାନ କରିଥିବା ବେଳେ କେନ୍ଦ୍ର ସରକାରଙ୍କ ଅଂଶ ବାବଦକୁ ୬ଶହ ଟଙ୍କା ବକେୟା ପ୍ରଦାନ କରାଯିବା, ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଚିକା ଓ ସହାୟିକାମାନଙ୍କ ବକେୟା ଅର୍ଥ ତୁରନ୍ତ ପ୍ରଦାନ କରାଯିବା ଓ ରୋଷେଇ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ପକ୍କାଗୃହ ଓ ଖାଦ୍ୟ ଖାଇବା ପାଇଁ ଉପଯୁକ୍ତ ପକ୍କା କରିଡର ନିର୍ମାଣ କରାଯିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି । ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ଜିଲ୍ଲା କମିଟି ପକ୍ଷରୁ ସଭାପତି ସ୍ନେହଲତା ଗାହାଣ, ସମ୍ପାଦିକା ନିର୍ମଳା ସିଂହ, ଜଗତଜୀବନ ଦାଶ, ପ୍ରମିଳା ବିଶ୍ୱାଳ, ସଞ୍ଜୁଲତା ଦାସ, କୁମୁଦିନୀ ସେନାପତି, ଅମିତା ପାତ୍ର, ସ୍ୱର୍ଣ୍ଣପ୍ରଭା ମଣ୍ଡଳ, ରଞ୍ଜୁଲତା ଖଣ୍ଡୁଆଳ, ମାଧବ ଦାସ, ଅଜିତ ପରିଡା, ନୃସିଂହ ତରାଇ, ପରମେଶ୍ୱର ସୁତାର, ଅଶୋକ ନାଥ, ରମେଶ ମଲିକ, ବିଜୟ ସାହୁ, ନିରାକାର ସାହୁ, ବିନୟ ମଲିକ, ଅକ୍ଷୟ ତରାଇ, ମହେଶ୍ୱର ପରିଡା, ଧୀବର ବେହେରା, ଧନେଶ୍ୱର ରାଉତ ପ୍ରମୁଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ ।

## ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଉରକେଲା (ପିଏନ୍): ଓଡିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେପ୍ଟେମ୍ବର ୨୩ ତାରିଖ ଠାରୁ ସୁନ୍ଦରଗଡ ଜିଲ୍ଲାର କଲୁଙ୍ଗାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଯୁବ ସର୍ବୋଦୟ ସଂକଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ ଆଦିବାସୀ ଯୁବକମାନଙ୍କ ଭୂମିକାକୁ ନେଇ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରକୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆଦିବାସୀ ଯୁବକ, ଯୁବତୀମାନେ ଯୋଗ ଦେଇ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷଣ ଦେଇଥିଲେ ଅଖିଳ ଭାରତୀୟ କଂଗ୍ରେସ କମିଟିର ପ୍ରଶିକ୍ଷଣ ପ୍ରଭାରୀ ସଚ୍ଚିନ ରାଓ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଶିକ୍ଷଣ ପ୍ରଭାରୀ ସୀତାରାମ ଲାମ୍ବା ଏବଂ ଯୁବ କଂଗ୍ରେସର ପ୍ରଶିକ୍ଷଣ ଟିମ୍ ସଦସ୍ୟମାନେ । ଆଦିବାସୀମାନଙ୍କ ଭୂମିକା, ହକ୍ ଏବଂ ବିଭିନ୍ନ ସମସ୍ୟାକୁ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଥମ ଦିବସରେ ପ୍ରଶିକ୍ଷଣ ଦେଇଥିଲେ ସଚ୍ଚିନ ରାଓ ଯାହା ଆଦିବାସୀମାନଙ୍କ ଭୂମିକା ଓ ହକ୍ ଉପରେ ପର୍ଯ୍ୟବେକ୍ଷିତ ଥିଲା । ଦ୍ୱିତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ କ୍ରିଷ୍ଣା ଆଲ୍ଲାବାରୁ ପହଞ୍ଚି ଆଦିବାସୀ ଯୁବକ-ଯୁବତୀଙ୍କୁ ଶିକ୍ଷାର ପ୍ରସାର, କଂଗ୍ରେସର ଭୂମିକା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ତୃତୀୟ ଦିବସରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ ପହଞ୍ଚି ପ୍ରଶିକ୍ଷଣ ଶିବିରରେ ଆଦିବାସୀ ଯୁବକ, ଯୁବତୀମାନଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରତ୍ୟେକ ଦିନ ପ୍ରଶିକ୍ଷଣ ଶିବିର ସହ ଶ୍ରମଦାନ, ସାଂସ୍କୃତିକ କାର୍ଯ୍ୟ ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷଣ ଶିବିରକୁ ଆସିଥିବା ଆଦିବାସୀ ଯୁବକ-ଯୁବତୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ପରେ ଓଡିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ସମସ୍ତ ପଦାଧିକାରୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି, ଜିଲ୍ଲା ଯୁବ କଂଗ୍ରେସ ପଦାଧିକାରୀ, ବିଧାନସଭା ଯୁବ କଂଗ୍ରେସ ସଭାପତିମାନେ ଯୋଗଦାନ କରିଥିଲେ । ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୁବ ମାରଣ ନୀତି - ବେରୋଜଗାରୀ, ମହଙ୍ଗା ମାଡରେ ଥିବା ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଦରବୃଦ୍ଧି ସମସ୍ୟାକୁ ନେଇ ରାଜ୍ୟବ୍ୟାପି କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକାରିଣି ବୈଠକରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ସମ୍ପାଦକ ବିଶ୍ୱରନ ମହାଁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ପ୍ରଭାରୀ କ୍ରିଷ୍ଣଆ ଆଲ୍ଲାବରୁ, ଅଖିଳ ଭାରତୀୟ ଯୁବ କଂଗ୍ରେସର ସଭାପତି ବି.ଭି. ଶ୍ରୀନିବାସ, ଓଡିଶା ଯୁବ କଂଗ୍ରେସ ପ୍ରଭାରୀ ପ୍ରତିଭା ରଘୁବଂଶୀ, ସହ-ପ୍ରଭାରୀ ରିୟାଜୁଲ ଅନସାରୀ, ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ, ବିଧାୟକ ରାଜନ ଏକ୍କା ଏବଂ ବହୁ ପ୍ରମୁଖ ନେତୃବୃନ୍ଦ ଯୋଗ ଦାନ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆଗକୁ ବିଜେଡି ?

୧୯୯୭ ମସିହାରେ ପ୍ରବାଦ ପୁରୁଷ ,ଦି ଟଲ ମାନ ,ତଥା ଅର୍ଦ୍ଧଶତାବ୍ଦୀ ଧରି ଓଡିଆ ଙ୍କ ଜୀବନ ଓ ରାଜନୀତି କୁ ନିଜର ଛାଇରେ ଆଛନ୍ନ କରିଥିବା ଝଡର ଇଗଲ ବିଜୁ ପଟନାୟକଙ୍କ ମୃତ୍ୟୁ ଘଟିଲା । ତାଙ୍କୁ ପଛରୁ ଛୁରୀ ମାରି କ୍ଷତ ବିକ୍ଷତ ଓ ଅଶାନ୍ତକରି ତାଙ୍କ ସ୍ଥାନ ନବାକୁ ମନରେ ଆଶା ରଖିଥିବା ଅବୁଝା ପୁଅ ମାନେ ତାଙ୍କ ଦେହାନ୍ତ ପରେ ହଟାତ ଅନୁଭବ କଲେ ଯେ, ବିଜୁ ବାବୁଙ୍କ ସ୍ଥାନ ନବାର ଯୋଗ୍ୟତା ତାଙ୍କ ଠାରେ କାହାରି ନାହିଁ । ସେମାନଙ୍କୁ ବିଜୁ ହତ୍ୟାକାରୀ କହି ଲୋକମାନେ ଛ ିଛା କଲେଣି । ତେଣୁ ସେମାନେ ବିଜୁ ଲିଗାସୀ ଓ ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନର ସହାୟ ନେଲେ । ନବୀନ ବାବୁ ବିଜୁ ବାବୁ ଙ୍କ କନିଷ୍ଠ ପୁଅ । ଓଡିଶାରେ ତାଙ୍କୁ କେହି ଜାଣି ନଥିଲେ । ଓଡିଆ ଭାଷା ମଧ୍ୟ ସେ ଜାଣିନଥିଲେ । କେବଳ ନବୀନ ନିବାସ କୁ ଯାଉଥିବା କେତେକ ଲୋକ ଜାଣିଥିଲେ ,ଯେ ବିଜୁ ନବାବୁ ଙ୍କ ଗୋଟେ ବାତରା ପୁଅ ଅଛି । ଯେ ବାହା ସାହା ନହୋଇ କ୍ଲବ ଲାଇବ୍ରେରେ ସାଙ୍ଗ ମେଳରେ ଘୁରିବୁଲେ । ତା ନା ନବିନ । ବଡପୁଅ ପ୍ରେମ ପଟନାୟକ ମନା କରିବାରୁ ଦଳ ସମ୍ଭାଳିବାକୁ ଅବୁଝା ପୁଅ ମାନେ ନବୀନ ଙ୍କୁ ନିମନ୍ତ୍ରଣ କରି ଓଡିଶା ଆଣିଲେ । ସେମାନେ ବିଶ୍ୱାସ କରିଥିଲେ ଯେ ରାଜନୀତିରେ ରୁଚି ନରଖିଥିବା ଓ ଓଡିଆ ଭାଷା କହିପାରୁନଥିବା ନବିନ ଅଳ୍ପ ଦିନ ରେ ବିରକ୍ତି ହୋଇ ତାଙ୍କ ସ୍ୱପ୍ନ ଦୁନିଆକୁ ଫେରି ଯିବେ , ତାପରେ ଅବୁଝା ପୁଅ ଙ୍କ ରାଜୁତି ଚାଲିବ । ନବୀନ ବାବୁ ଆସି ବାପାଙ୍କ ସାଂସଦ କ୍ଷେତ୍ର ଭଞ୍ଜନଗର ରୁ ଲଢିଲେ ଓ ବହୁମତ ପାଇ ପାର୍ଲିଆମେଣ୍ଟକୁ ଗଲେ । ତତକାଳିନ ପ୍ରଧାନମନ୍ତ୍ରୀ ଅଟଳଜୀ ଙ୍କ ଆର୍ଶିବାଦରେ ସେ କାବିନେଟ ମନ୍ତ୍ରୀ, ପିତାଙ୍କ ପ୍ରିୟ ଇସ୍ପାତ ବିଭାଗରେ ହେଲେ । ଅଳ୍ପଦିନ ପରେ ରାଜ୍ୟ ବିଧାନସଭା ନିର୍ବାଚନ ହେବ । ନବୀନ ବାବୁ ରାଜ୍ୟ ରାଜନୀତି କୁ ଫେରିଲେ । ବିଜୁ ବାବୁ ଙ୍କ ନାମରେ ବିଜୁ ଜନତା ଦଳ ଗଠିତ ହେଲା । ନବୀନ ହେଲେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ । ବାଜପେୟୀଙ୍କ ନିର୍ଦ୍ଦେଶରେ ରାଜ୍ୟ ବିଜେପି ନବୀନଙ୍କ ବିଜୁ ଜନତା ଦଳ ସହ କଟିବନ୍ଧନ କରି ନିର୍ବାଚନ ଲଢିଲା । ନିର୍ବାଚନର ପ୍ରାର୍ଥୀପତ୍ର ଦାଖଲ ବେଳେ ଦଳର ତୁଙ୍ଗ ନେତା ବିଜୟ ମହାପାତ୍ର ଙ୍କ ପ୍ରାର୍ଥୀତ୍ୱ କୁ ରଦ୍ଦ କରି ତାଙ୍କୁ ସେ ନିର୍ବାଚନରୁ ଯେପରି ବ-ତ କଲେ,ତାହା ସାରା ଦେଶ ରେ କମ୍ପନ ସୃଷ୍ଟିକଲା ଓ ନବୀନ ଯେ ରାଜନୀତି ରେ ନବୀନ ,ସହଜ ଲୋକ ନୁହଁନ୍ତି ତାହା ଅବୁଝା ପୁଅ ମାନେ ବୁଝି ଗଲେ।

ବହୁ ଭୋଟରେ ମେଣ୍ଟ ଜିତିଲା ଓ ନବୀନ ବାବୁ ମୁଖ୍ୟମନ୍ତ୍ରୀ ହେଲେ । ନବୀନ ବାବୁ ଅବୁଝା ପୁଅ ଙ୍କ ପାଇଁ ଏକ ଅବୋଧ୍ୟ ନାୟକ ହୋଇଗଲେ । ତାଙ୍କ ସହ ମିଶିବା , ତାଙ୍କ ମନ କଥା ବୁଝିବା କାହା ପକ୍ଷରେ ସମ୍ଭବ ହେଲାନାହିଁ । ନିଜର ସରଳ ବ୍ୟବହାର, ସାଧାରଣ ଧଳା ପୋଷାକ,ସ୍ୱଳ୍ପ କଥା ଗମ୍ଭୀର ଭାବ ରେ ସେ ଏକ ରହସ୍ୟମୟ ବ୍ୟକ୍ତିତ୍ୱ ହୋଇଗଲେ । ଖାଲି ପୋଷାକରେ ନୁହେଁ କାମରେ ସ୍ୱଚ୍ଛ ବୋଲି ତାହାର ଧାରଣା ସମସ୍ତ ଙ୍କ ମନରେ ସେ ସୃଷ୍ଟି କରିବାରେ ସକ୍ଷମ ହେଲେ । ଅଳ୍ପ ଦିନ ପରେ ସେ ତାଙ୍କ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ଥିବା ଜଣେ ,ଜଣେ ବରିଷ୍ଠ ନେତା ଙ୍କୁ ସେ ଦଳର ପ୍ରସ୍ଥାନ ଦ୍ୱାର ଦେଖାଇଦେଲେ । ବରିଷ୍ଠ ନେତା ରାମକୃଷ୍ଣ ପଟନାୟକ, ବ୍ରଜ ତ୍ରିପାଠୀ, ପ୍ରଫୁଲ ଘଡେଇ ,ଶ୍ରୀକାନ୍ତ ଜେନା ,ଶରତ କର ,ନଳିନୀ ମହାନ୍ତି ,ସୁର ନାୟକ ,କମଳା ଦାଶ , ଦାମ ରାଉତ ,ପ୍ରଦୀପ ପାଣିଗ୍ରାହୀ କାହାକୁ ଦଳ ବିରୋଧି ତ ,କାହାକୁ ଦୁର୍ନିତି ର ଆଳ ଦେଖାଇ ଦୂରେଇ ଦେଲେ । ତାଙ୍କର ଏକାନ୍ତ ଅନୁଗତ ,ଉପଦେଷ୍ଟା ତଥା ଦଳର ଚାଣକ୍ୟ ପ୍ୟାରି ମୋହନ ମହାପାତ୍ର ଙ୍କୁ ବେଇମାନ ର ଆଖ୍ୟା ଦେଇ ବିଦାକଲେ । ଶେଷକୁ ତୁଣ୍ଡ ନେତା ଦାମ ରାଉତ ମଧ୍ୟ ଅନେକ ତୁମ୍ଭି ତୋଫାନ କରି ନୀରବ ହେଲେ । ବେଶ ଲୋକପ୍ରିୟ ହୋଇଥିବା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ମଧ୍ୟ ଦଳ ବିରୋଧି କଳଙ୍କ ନେଇ ବହିଷ୍କାର ହେଲେ । ୨୦୦୮ ସ୍ୱାମି ଲକ୍ଷଣାନନ୍ଦଙ୍କ ମୃତ୍ୟୁ ପରେ ଫୁଲବାଣୀ ରେ ହୋଇଥିବା ସାଂପ୍ରଦାୟିକ ଦଙ୍ଗାରେ ସରକାର ରେ ଥିବା ବିଜେପି ର ସଂପୃକ୍ତି ଅଭିଯୋଗ କରି ସେ ତାକୁ ମଧ୍ୟ ସରକାର ରୁ ବହିଷ୍କାର କଲେ ।

ଏହା ମଧ୍ୟରେ ୨୦୦୦. ୨୦୦୪ ୨୦୦୯,୨୦୧୪ ଓ୨୦୧୯ ବିଧାନସଭା ନିର୍ବ୍ରଚନ ହୋଇ ଯାଇଛି । ଅନେକ ନେତା ତାଙ୍କ ହାତ ଛାଡିଛନ୍ତି । ଦଳ ଦୁର୍ବଳ ହେବ ବୋଲି ଅନେକ ଅନୁମାନ କରିଛନ୍ତି, ତଥାପି ପ୍ରତ୍ୟେକ ନିର୍ବାଚନରେ ସେ ଅଧିକ ସଂଖ୍ୟାରେ ଜିତିଛନ୍ତି ଓ ମଜବୁତ ସରକାର କରିଛନ୍ତି । ଦଳରେ ସେ ଏକ ଭୟର ବାତାବରଣ ସୃଷ୍ଟି କରିଛନ୍ତି । ନିଜେ ସଭାପତି ଓ ମୁଖ୍ୟମନ୍ତ୍ରୀ ରୂପେ ଦଳ ଓ ସରକାର ର ସଂପୂର୍ଣ୍ଣ ନିୟନ୍ତ୍ରଣ ନିଜ ହାତରେ ରଖିଛନ୍ତି । ନେତା ଅପେକ୍ଷା କିଛି ଅଫିସର ଙ୍କ ଉପରେ ସେ ଅଧିକ ନିର୍ଭରଶୀଳ ହୋଇଛନ୍ତି । ଏହା ମଧ୍ୟରେ ଅନେକ ଗୁରୁତ୍ୱ ପୂର୍ଣ୍ଣ ଉପ-ନିର୍ବାଚନ ହୋଇଯାଇଛି । ମ୍ୟୁନିସିପାଲିଟି ,ପ-ାୟତ ନିର୍ବାଚନ ମଧ୍ୟ ହୋଇଚି । ସବୁଥିରେ ସେ ବିଜୟ ମୁକୁଟ ପିନ୍ଧିଛନ୍ତି । ବିଜେପିର ମୋଦି ହାଓ୍ୱା କୁ ଅଟକେଇଛନ୍ତି । ଭାରତ ରାଜନିତିର ଚାଣକ୍ୟ ବୋଲି କହି ରାଜ୍ୟ-ରେ ୧୨୦ ଆସନ ଦାବି କରି ଆସ୍ଫାଳନ କରୁଥିବା ଅମିତ ଶାହା ଙ୍କ ଭବିଷ୍ୟତ ବାଣୀ କୁ ଭୂଲ ପ୍ରମାଣିତ କରିଛନ୍ତି ।ତାଙ୍କ ଆଗକୁ ଅନେକ ସମସ୍ୟା ଆସିଛି, ଯାହା ସରକାର କୁ ଦୋହଲାଇବାକୁ ଯଥେଷ୍ଟ । ଗୋଟାଏ ଅଞ୍ଜନା ମିଶ୍ର ଘଟଣା ଜାନକୀ ପଟନାୟକ ସରକାର ର ପତନ ଘଟାଇଥିଲା । ନବୀନ ବାବୁ ଙ୍କ ଅମଳ ଳରେ ପିପିଲି ର ବେବିନା, ରାୟଗଡାର ଇତିଶ୍ରୀ ,ନୟାଗଡର ପରୀ,କୁନ୍ଦୁଲି ପିଡିତା, କଳାହାଣ୍ଡିର ମହା ଲିଙ୍ଗେଶ୍ୱର ର ମାମିତା,ଝରା ଫୁଲ ଭଳି ଅନେକ ଘଟଣା ଘଟି ସରକାର ଙ୍କୁ ନିନ୍ଦିତ କରିଛି । ମାହା ଙ୍ଗାରେ ରାଜନୈତିକ ହତ୍ୟାକାଣ୍ଡରେ ଦିବ୍ୟସିଂ ବରାଳ ଙ୍କ ହତ୍ୟା କାଣ୍ଡରେ ମନ୍ତ୍ରୀ ପ୍ରତାପଜେନାଙ୍କ ସଂପୃକ୍ତି ଅଭିଯୋଗ ହୋଇଚି । ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର,ଅରୁଣ ସାହୁ ମଧ୍ୟ



ଡାଃ ସୁରେନ୍ଦ୍ର ନାଥ ଦାଶ

ସନ୍ଦେହର ପରିସର କୁ ଆସିଛନ୍ତି । ମାତ୍ର ନବୀନ ଅବିଚଳିତ । ତାଙ୍କର ଲୋକ ପ୍ରିୟତା ସେମତି ଅତୁଟ ରହିଚି। ନିର୍ବାଚନ ପରେ ନିର୍ବାଚନରେ ସେ ଜିତୁଛନ୍ତି । ବିରୋଧି ଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହାଇଛି। ଖାଲି ଏତିକି ନୁହେଁ ପ୍ରଗତି ରେ ତଳ ଆଡୁ ଦୁଇ ନମ୍ବର ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇ ସେ ବିଭିନ୍ନ ସମ୍ବାଦ ପତ୍ର ପରିସଂଖ୍ୟାନରେ ଦେଶର ଏକନମ୍ବର ମୁଖ୍ୟମନ୍ତ୍ରୀ ହେବା ସମସ୍ତ ଙ୍କୁ ଚକିତ କରିଛି ।ରାଜ୍ୟ ପାଇଁ ବାରମ୍ବାର କୃଷିକର୍ମଣ ପୁରସ୍କାର ଆଣିଛନ୍ତି ,ଯଦିଓ ଗୋଟିଏ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ କରିପାରି ନାହାଁନ୍ତି । ପ୍ରାକୃତିକ ଦୁର୍ବିପାକ ନିୟନ୍ତ୍ରଣରେ ସଫଳତା ପାଇଁ ବିଭିନ୍ନ ଆର୍ନ୍ତଜା ତିକ ସଂସ୍ଥା ମଧ୍ୟ ତାଙ୍କୁ ସମ୍ମାନିତ କରିଛନ୍ତି । ରାଜ୍ୟରେ ବିଜେପି ଶତ ମୁଖରେ ତାଙ୍କୁ ନିନ୍ଦା କରୁଥିବା ବେଳେ କେନ୍ଦ୍ରିୟ ନେତା ଓ ସର୍ବୋପରି ସ୍ୱଂୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନବୀନ ବାବୁ ଙ୍କୁ ଭୂରିଭୂରି ପ୍ରଂଶସା ରାଜ୍ୟ ବିଜେପି କୁ ଚୋର ମା ଲୁଚିଲୁଚି କାନ୍ଦେ ଅବସ୍ଥା କରିଦେଇଛି । ରାଜ୍ୟରେ ଅନେକ ମହା ଦୁର୍ନିତି ହୋଇ ସାମୟିକ କମ୍ପନ ସୃଷ୍ଟି ହୋଇଚି । ଖଣି ଦୁର୍ନିତିରେ ଯେ ଲକ୍ଷ କୋଟି ରାଜ୍ୟ ଅର୍ଥ ବାଟମାରଣା ହୋଇଛି,ଏହା ତଦନ୍ତ କରୁଥିବା ବିଚାରପତି ଜଷ୍ଟିସ ସାହା ସ୍ୱିକାର କରି ସମସ୍ତେ ମିଳିମିଶି ଆଇନ ର କଣ୍ଠରୋଧ କରି ସବୁ ଖାଇଗଲେ ବୋଲି ମନ୍ତବ୍ୟ ଦେଇଛନ୍ତି । ଚାରା ଦୁର୍ନିତି,ମାସ୍କ ଦୁର୍ନିତି,ଜମି ଦୁର୍ନିତି ସବୁଗୁଡିକରେ ପ୍ରମାଣ ଯୋଗ୍ୟ ତଥ୍ୟ ରହିଚି ିଓ ସବୁଥିରେ ନବୀନ ଅନ୍ୟ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନିଜେ ସଫା ରହିଛନ୍ତି । ଲମ୍ବା ଭାଷଣ ନଦେଇ ଖଣ୍ଟି ଓଡିଆରେ, "ଆପଣ ମାନେ ଖୁସିତ" ଏତିକି କହି ସେ ଲୋକଙ୍କ ମନ କିଣି ଛନ୍ତି । ରାଜ୍ୟରେ ଚିଟଫଣ୍ଡ ଦୁର୍ନିତି ସବୁଠାରୁ ବଡ ଦୁର୍ନିତି । ଲକ୍ଷ ଲକ୍ଷ ଜମାକାରୀ ସର୍ବସ୍ୱାନ୍ତ ହୋଇ ଦାଣ୍ଡର ଭିକାରୀ ହେଲେ ମଧ୍ୟ ,ବର୍ଷବର୍ଷ ଧରି ତଦନ୍ତ ଚାଲିଥିଲେ ମଧ୍ୟ ଶତକଡା ୧୦ ଜମାକାରୀ ମଧ୍ୟ ବ ତାଙ୍କ ଅର୍ଥ ଫେରି ପାଇନାହାନ୍ତି । ନାବୀନଙ୍କର ରାଜନୈତିକ କୌଶଳ ଅଦ୍ୱିତୀୟ । କେନ୍ଦ୍ର ଦେଉଥିବା ସାହାଯ୍ୟ ରେ ନିଜ ଲେବଲ ମାରି ସେ ଲୋକ ଙ୍କୁ ଜଣାଇ ଦେଇଛନ୍ତି ଯେ, ସେ ସବୁ ନବୀନ ଦିଅନ୍ତି । ସବୁ ଠାରେ ତାଙ୍କର ଛବି । ସବୁ ଉଦଘାଟନ ତାଙ୍କ ହାତରେ । ସବୁ ନିଯୁକ୍ତି ପତ୍ର ସେ ଦେବେ । ସେହିଁ ରାଜ୍ୟର ହର୍ତ୍ତ କର୍ତ୍ତା ଭାଗ୍ୟ ବିଧାତା,ଅନ୍ୟ ମାନେ ବିଗ ଜିରୋ । ସେ ମାନେ ତାଙ୍କର ଆଲୋକରେ ଆଲୋକିତ । ଭୋଟ ଆଗରୁ ଭୋଟର ମାନ ଙ୍କ ଆକାଉଣ୍ଟ କୁ ସିଧା କାଳିଆ ଅର୍ଥ ପଠାଇ ସେ ଯେଉଁ ମାଷ୍ଟର ଷ୍ଟ୍ରୋକ ମାରିଛନ୍ତି,ତାହା ମୋଦୀଙ୍କୁ ପିଏମ କିସାନ ଯୋଜନା କରିବାକୁ ବାଧ୍ୟ କରିଛି । ମାତ୍ର ଶ୍ରେୟ ନବୀନ ସେତେବେଳକୁ ନେଇ ସାରିଲେଣି । ନିଜର ଭାବମୂର୍ତ୍ତି କାଳେ ମଳିନ ହେବ,ସେଥିପାଇଁସେ ଆୟୁଷ୍ମାନ ଭାରତ ଯୋଜନାକୁ ନିଜ ରାଜ୍ୟରେ ପୁରାଇ ଦେଉନାହାନ୍ତି । ଲୋକ ଓ କର୍ମୀମାନଙ୍କୁ ଆକୃଷ୍ଟ କରି ବ୍ୟସ୍ତ ରଖିବା ପାଇଁ ସେ ଲୋକ ଦେଖାଣିଆ ଆନ୍ଦୋଳନ ମାନକରି ସେମାନ ଙ୍କୁ ରାସ୍ତା କୁ ଆଣିଛନ୍ତି । ସେଗୁଡିକ ହେଲା ମହାନଦୀ ବ-ାଅ, ପୋଲା ଭରମ ଆନ୍ଦୋଳନ, ସ୍ୱତନ୍ତ୍ର ରାଜ୍ୟ ଦାବି ,ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମ ଦାବି, ଉଷୁନା ଚାଉଳ ଦାବି,ରସଗୋଲା ଦାବି ଭଳି ଭିର୍ତ୍ତି ନଥିବା ଆନ୍ଦୋଳନ ମାନକରି ସେ ଜନମତକୁ ନିଜ ଆଡକୁ ଆକୃଷ୍ଟ କରିବାରେ ସଫଳ ହୋଛନ୍ତି । ସବୁଦିନେ କଣ ରାଧୁଆ ମିଛ ବାଘ କଥା କହି ଲୋକଙ୍କୁ ବିଭ୍ରାନ୍ତ କରିପାରିବ । ନିକଟରେ ହେଉଥିବା ପ- ାୟତ ନିର୍ବାଚନରେ ସେ ମୂଖା ଖସି ପଡିଲା ଭଳି ଲାଗୁଛି । ସମସ୍ତେ ଅନୁଭବ କଲେଣି ସାହାଯ୍ୟ କେନ୍ଦ୍ର ଦେଉଛି,ପରପିଠାରେ ମଙ୍ଗଳବାର କରି ନାଁ ରାଜ୍ୟ ପାଇଛି । ସାରା ଶାସନରେ ଦୁର୍ନିତି ବ୍ୟାପି ଗଲାଣି ।ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦଶ ହଜାର ଦେବାକୁ ,ପାଇଖାନା ପାଇଁ ଦୁଇ ହଜାର ,ଦଳ ଭିତ୍ତିରେ ସାହାଯ୍ୟ ଆଦାନ ହେଉଚି ବୋଲି ସମେସ୍ତ ମତ ରଖୁଛନ୍ତି । ରାଜ୍ୟରେ କୌଣସି କାମ ବିନା ଲା-ରେ ହେଉନାହିଁ । ସବୁ ବାଟମାରଣା ଅର୍ଥ ର ଭାଗ ନେତାଙ୍କ ପକେଟ କୁ ଯାଉଛି । ନବୀନ ଆଉ ସ୍ୱଚ୍ଛ ନାହାନ୍ତି । ରାଜ୍ୟରେ ଚାଲିଥିବା ଭିଜିଲାନସ ଧରପଗଡ ରେ କିପରି ଅଫିସର ଙ୍କ ଘରୁ କୋଟି କୋଟି ଟଙ୍କା ମିଳୁଛି ତାହା ଶାସନ ର ବାସ୍ତବ ଚିତ୍ର ଜଣାଇ ଦେଉଛି । ରାଜ୍ୟ କର୍ମଚାରୀ ମାନେ ଦୁର୍ନୀତି କଲେ ,ରାଜ୍ୟ ମୁଖିଆ କିପରି ସ୍ୱଚ୍ଛତା ଦାବି କରିବେ,ଏହି ପ୍ରଶ୍ନ ଉଠିଚି । ନିର୍ବାଚନ ପୂର୍ବରୁ , ଆଇନ ତା ବାଟରେ ଯାଉଛି,କହି ଆସୁଥିବା ନବୀନ ଏଥର କ ଅଡୁଆରେ ପଡିଯିବେ ବୋଲି ବିଶ୍ୱାସ କରାଯାଉଚି । ବର୍ତ୍ତମାନ ଅନ୍ୟ ଏକ ଅଯଥା ସମସ୍ୟା ବିଧାନ ପରିଷଦ କଥା ଉଠାଇ ସେ କେନ୍ଦ୍ର ଉପରେ ଦୋଷ ଠେଲିବାକୁ ଉଦ୍ୟମ କରୁଛନ୍ତି । ଆଶ୍ଚର୍ଯ୍ୟର କଥା ଯେତେ ଆନ୍ଦୋଳନ ହେଉଚି ଦାବି ପୁରଣ ପାଇଁ, ଅଧିକାଂଶ କ୍ଷେତ୍ରରେ କାଗଜ ପତ୍ର ମଧ୍ୟ ରାଜ୍ୟ ପକ୍ଷରୁ ଠିକ ରୂପେ ଦିଆଯାଇନି । ଲୋକ ମାନ ଙ୍କ ମଧ୍ୟରେ ଆକ୍ରୋଶ ଦେଖା ଦେଲାଣି । ମନ୍ତ୍ରୀ ନେତା ମାନେ ଲୋକ ଙ୍କ ପ୍ରଶ୍ନ ବାଣ ର ସମ୍ମୁଖିନ ହେଉଛନ୍ତି । ଜଣେ ବରିଷ୍ଠ ନେତ୍ରୀଙ୍କ ଉପରେ ନିର୍ବାଚନ କମିଶନ ନିଷେଧାଦେଶ ଲାଗୁ କରିଛନ୍ତି । ଜଣେ ବିଧାୟକ ଙ୍କ ଗାଡିରୁ ଲୁଗା ଗଂଠିଲି ପୋଲିସ ଜବତ କରିଛି । ସବୁ ଆଡେ ଅଣ୍ଡା ମାଡ ହେଉଚି । ଏସବୁ ସତ୍ୱେ ନବୀନଙ୍କ କୌଶଳ ଆଗରେ ବିରେଧି ମାନେ ତିଷ୍ଠି ପାରିବେ କି ନାହିଁ ତାହା ସମୟ ହିଁକହିବା

ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮

## ନିର୍ବାଚନ ସମୟରେ ସୁରକ୍ଷା ବ୍ୟବସ୍ଥା ମଜବୁତ୍ ପାଇଁ ଡିଜିପିଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ପି.ଏନ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଚାଲିଥିବାବେଳେ ରାଜ୍ୟର କେତେକ ସ୍ଥାନରେ ବିଶୃଙ୍ଖଳାକାରୀଙ୍କ ଦ୍ୱାରା ଗଣ୍ଡଗୋଳ ହେଉଥିବା ଖବର ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଆସିଛି । ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପିଙ୍କୁ ନିର୍ଦ୍ଦେ ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ ।ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ବିଶେଷ କରି ପୁରୀ ଓ ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ବିଶୃଙ୍ଖଳାକାରୀମାନେ ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିଛନ୍ତି । ପୁରୀ ଜିଲ୍ଲାର କଣାସ ବ୍ଲକ୍ ରେ ବିଶୃଙ୍ଖଳାକାରୀମାନେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଆକ୍ରମଣ କରିଥିବା ନିର୍ବାଚନ କମିଶନଙ୍କ ନଜରକୁ ଆସିଛି । ଫଳରେ ଶାନ୍ତିଶୃଙ୍ଖଳାର ସହ ମତଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ହେଉଛି । ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନିର୍ବାଚନ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପଂଚାୟତ ନିର୍ବାଚନରେ ଶାସକ ଦଳର ହିଂସାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିନ୍ଦା

ଭୁବନେଶ୍ୱର,(ପି.ଏନ): ରାଜ୍ୟର ବିଭିନ୍ନ ସ୍ଥାନରେ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ଶାସକ ଦଳର ହିଂସା ଓ ଅରାଜକତାକୁ ଦୃଢ଼ ଭାବେ ନିନ୍ଦା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି । ତୃଣମୂଳ ସ୍ତରରେ ଭୋଟ୍ ଦେବା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଯାଇଛି । ଏହା ଆମର ଗଣତନ୍ତ୍ର ପାଇଁ ଏକ ଶୁଭ ସଙ୍କେତ। କିନ୍ତୁ ଆଜି ଧର୍ମଶାଳା, ଯାଜପୁର, ବ୍ରହ୍ମଗିରି, ଅନୁଗୋଳ, ହିନ୍ଦୋଳ, ଭଦ୍ରକ, କଣାସ, ଜଳେଶ୍ୱର, ବାଙ୍ଗିରିପୋଷୀ, ଭଟଳି ଓ ପାଟଣାଗଡ଼ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନୀ ହିଂସା ଘଟିଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି । ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସା ମଧ୍ୟ ଘଟିଛି । ଏହା ଚିନ୍ତାଜନକ ଓ ଦୁଃଖଦାୟକ। ହିଂସା ଦ୍ୱାରା ଗଣତନ୍ତ୍ରର ଏହି ମହାନ ପର୍ବରେ ବ୍ୟାଘାତ ଆସିବା ଅନୁଚିତ । ଶାସକ ଦଳର ହିଂସା ଓ ଅରାଜକତାକୁ ମୁଁ ଦୃଢ଼ ଭାବେ ନିନ୍ଦା କରୁଛି । ଓଡ଼ିଶା ପ୍ରଶାସନ ଠିକ୍ ଭାବରେ ନିଜର କାର୍ଯ୍ୟ କରିବା ସହ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ । ରାଜ୍ୟରେ ପଞ୍ଚାୟତ ସ୍ତରରେ ଆହୁରି ୪ଟି ପର୍ଯ୍ୟାୟରେ ମତଦାନ ହେବାକୁ ଯାଉଛି । ତେଣୁ ରାଜ୍ୟ ନିର୍ବାଚନ ଆୟୋଗ ନିର୍ବାଚନୀ ହିଂସାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ ଆଗାମୀ ପର୍ଯ୍ୟାୟରେ ମତଦାନ କିଭଳି ଶାନ୍ତିପୂର୍ଣ୍ଣ ହେବ ସେ ଦିଗରେ ଧ୍ୟାନ ଦେବେ ବୋଲି ମୁଁ ଆଶା କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି ।

## ତ୍ରିସ୍ତରୀୟ ପଚାୟତ ନିର୍ବାଚନ ର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହିଂସାରେ ସରିଲା:ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି । କିନ୍ତୁ ଗଣମାଧ୍ୟମ ଏବଂ ନିର୍ବାଚନ ହେଉଥିବା ଜିଲ୍ଲା ମାନଙ୍କରୁ ବର୍ତ୍ତମାନ ପର୍ଯ୍ୟନ୍ତ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ ବହୁ ସ୍ଥାନରେ ବୁଥ ଜବରଦଖଲ ଏବଂ ଗୋଷ୍ଠୀ ସଂଘର୍ଷ ହୋଇଥିବା ନଜରକୁ ଆସିଛି । ଖାଲି ସେତିକି ନୁହେଁ କର୍ତବ୍ୟରତ ସାମ୍ବାଦିକଙ୍କୁ ଆକ୍ରମଣ କରାଯାଇ ତାଙ୍କର ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ କରିଛନ୍ତି ଯାହାକୁ ଦୃଢ଼ ନିନ୍ଦା କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି ରାଜ୍ୟ ସରକାର ପୂର୍ବରୁ ଯେଉଁ ବାହାସ୍ଫୋଟ ମାରୁଥିଲେ ଯେ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସରକାର ପ୍ରସ୍ତୁତ ଏବଂ ସ୍ୱଚ୍ଛ,ନିର୍ମଳ,ଅବାଧ ଓ ଶାନ୍ତି ଶୃଙ୍ଖଳା ସହ ନିର୍ବାଚନ ସମ୍ପନ୍ନ କରିବେ ବୋଲି ତାହା ଆଜି ମିଛ ପ୍ରମାଣିତ ହୋଇଛି । ଅନେକ ସ୍ଥାନରେ ଶାସକ ଦଳର ପାର୍ଥିଙ୍କ ଜିତାପଟ ପାଇଁ ପୁଲିଙ୍ଗ ବୁଥ ଙ୍କୁ ସାଧାରଣ ଭୋଟରଙ୍କୁ ଧମକ ଏବଂ ଭୟଭୀତ କରାଇ ଭୋଟ ଗ୍ରହଣ କେନ୍ଦ୍ରକୁ ନ ଆସିବା ପାଇଁ ଗାଁ ଗାଁ ବୁଲି ବାରଣ କରାଯାଇଛି ।

## ସଡକ ସୁରକ୍ଷା ପାଇଁ ତାଲିମ କାର୍ଯ୍ୟକ୍ରମ ଫରକ୍ଷକ'ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକସେବା ଭବନର କନ୍‌ଭେନ୍‌ସନ ସେଂଟର ଠାରେ ସଡକ ସୁରକ୍ଷା ପାଇଁ ଏକ ଅଭିନବ ତାଲିମ କାର୍ଯ୍ୟକ୍ରମ ଫରକ୍ଷକ'ର ଶୁଭାରମ୍ଭ କରିଛନ୍ତି । ରାଜ୍ୟ ପରିବହନ ବିଭାଗ ଦ୍ୱାରା ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ୩୦ ହଜାର ପ୍ରଥମ ଜୀବନ ରକ୍ଷାକାରୀ (ଫାଷ୍ଟ ରେସପଣ୍ଡର) ତାଲିମ ପାଇବେ । ୩୦୦ ପ୍ରଶିକ୍ଷକ ରାଜ୍ୟର ୩୦ଟି ଜିଲ୍ଲାରେ ୩୦ ସପ୍ତାହ ପାଇଁ ତାଲିମ ପ୍ରଦାନ କରିବେ । ଏହାଦ୍ୱାରା ସଡକ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତି ମାନଙ୍କୁ ତୁରନ୍ତ ସହାୟତା ଓ ଚିକିତ୍ସା ମିଳିପାରିବ ଓ ଅନେକ ଜୀବନ ବଂଚାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସଡକ ଦୁର୍ଘଟଣା କେବଳ ଜଣେ ବ୍ୟକ୍ତି ବା ଗୋଟିଏ ପରିବାରର କ୍ଷତି ନୁହେଁ । ଏହା ସମାଜର କ୍ଷତି । ଅର୍ଥନୀତିର ମଧ୍ୟ ବଡ କ୍ଷତି । ତେଣୁ ଏହାକୁ ରୋକିବା ପାଇଁ ଆମେ ସମସ୍ତେ ଏକାଠି ହୋଇ କାମ କରିବା ଦରକାର । ଏ କ୍ଷେତ୍ରରେ ଡ୍ରାଇଭର ମାନଙ୍କର ଯେତିକି ଦାୟିତ୍ୱ, ସଡକ ବ୍ୟବହାର କରୁଥିବା ବ୍ୟକ୍ତିର ମଧ୍ୟ ସେତିକି ଦାୟିତ୍ୱ । ତା ସହିତ ଦୁର୍ଘଟଣା ସ୍ଥଳରେ ଥିବା ଅନ୍ୟ ଲୋକମାନଙ୍କର ମଧ୍ୟ ବିଶେଷ ଦାୟିତ୍ୱ ରହିଛି । ତେଣୁ ସେମାନେ ସାମାନ୍ୟ ସହଯୋଗ କଲେ, ଅନେକ ଜୀବନ ରକ୍ଷା ହୋଇପାରିବ ଓ ଅନେକ ପରିବାର ଦୁର୍ଦ୍ଦିନରୁ ରକ୍ଷା ପାଇପାରିବେ ବୋଲି ସେ କହିଥିଲେ ।ତାଲିମ ବ୍ୟବସ୍ଥା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆପଣମାନେ ହେଉଛନ୍ତି ଜଣେ ଜଣେ ଉତମ ନାଗରିକ । ଦୁର୍ଘଟଣାର ପ୍ରଥମ ଏକ ଘଂଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ଆମେ ଯଦି ତୁରନ୍ତ ଚିକିତ୍ସା କରିବା, ତେବେ ଆମେ ଅନେକ ଜୀବନ ରକ୍ଷା କରିପାରିବା ବୋଲି ସେ କହିଥିଲେ । ବିପଦରେ ଥିବା ଲୋକର ଜୀବନ ବଂଚାଇବା ଠାରୁ ବଡ ପୁଣ୍ୟ କିଛି ନାହିଁ । ସଡକ ଦୁର୍ଘଟଣାର ଶିକାର ହେଉଥିବା ଲୋକ ମାନଙ୍କୁ ସାହାଯ୍ୟ ପାଇଁ ଆଗେଇ ଆସୁଥିବା ଲୋକଙ୍କୁ ୨୦୦୦ ଟଙ୍କା ସହାୟତା ଦେବାର ବ୍ୟବସ୍ଥା କରାଯାଇଛି । ଏହାସହିତ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତି ମାନଙ୍କର ଚିକିତ୍ସା ପାଇଁ ରାଜ୍ୟ ସରକାର ୧୪୭ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ବିଭିନ୍ନ ଏନଜିଓ ମାନେ ସଡକ ଦୁର୍ଘଟଣା ସମୟରେ ତୁରନ୍ତ ସହାୟତା ଯୋଗାଇଦେବା ଓ ସଚେତନତା ସୃଷ୍ଟି କ୍ଷେତ୍ରରେ ଯେଉଁ ଉଦ୍ୟମ କରୁଛନ୍ତି, ମୁଖ୍ୟମନ୍ତ୍ରୀ ତାର ଉଚ୍ଚ ପ୍ରଶଂସା କରିଥିଲେ । ସେମାନଙ୍କର ଏହି ଉଦ୍ୟମ ସଫଳ ହେବ ଓ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମିପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ ।ରାଜ୍ୟସ୍ତରରେ ଏଭଳି କାର୍ଯ୍ୟକ୍ରମ ପ୍ରଥମ ବୋଲି କହିଥିଲେ । ତାଲିମ କାର୍ଯ୍ୟକ୍ରମ ଶେଷ ହେବା ପରେ ସଡକ ସୁରକ୍ଷା କ୍ଷେତ୍ରରେ ବହୁତ ଉନ୍ନତି ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଭିନ୍ନ ସ୍ୱେଚ୍ଛାସେବୀ, ରେଡକ୍ରସ ଓ ଅନ୍ୟାନ୍ୟ ସଂସ୍ଥା ମାନଙ୍କୁ ମୁଖ୍ୟମନ୍ତ୍ର ଧନ୍ୟବାଦ ଦେଇ ଜୀବନ ରକ୍ଷା କ୍ଷେତ୍ରରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରକ୍ଷକ ତାଲିମ କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରିବା ସହିତ ଏହାର ଓ୍ୱେବସାଇଟଙଚଞ୍ଚଓଉଝ ଉଦ୍‌ଘାଟନ କରିଥିଲେ । ତାଲିମରେ ଯୋଗ ଦେଇଥିବା ଫାଷ୍ଟ ରେସପଣ୍ଡର ମାନଙ୍କୁ କିଟ୍ ଓ ଟି-ସାର୍ଟ ବଂଟନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସଡକ ଦୁର୍ଘଟଣା ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ପ୍ରମୁଖ ସଚିବ ମଧୁସୂଦନ ପାଢୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପରିବହନ କମିଶନର ଅରୁଣ ବୋଥ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।





2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada






# ବୁଥ୍ ଜବର ଦଖଲ ଘଟଣାରେ ୧୨ଜଣଙ୍କୁ ଗିରଫକଲା ପୋଲିସ୍

ଧର୍ମଶାଳା, (ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପ୍ରଥମ ପାର୍ଯ୍ୟାୟ ମତଦାନରେ ଧର୍ମଶାଳା ବ୍ଲକରେ ହୋଇଥିବା ବୁଥ ଜବରଦଖଲ ଘଟଣାରେ ପୁଲିସ ୧୨ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ଏହି ବ୍ଲକ ଦେଓଦା ପଂଚାୟତର ୬ ଓ ୭ ନମ୍ବରବୁଥ ଅରାବଳ ପଂଚାୟତର ୮ ନମ୍ବର ବୁଥ ଜବର ଦଖଲ ହୋଇଥିଲା । ବୁଥ ଦଖଲ ଯୋଗୁଁ ମତଦାନ ବାତିଲ କରିଦିଆଯାଇଥିଲା । ଏହି ଘଟଣାରେ ଧର୍ମଶାଳା ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଯାଜପୁରରୋଡ ଏସଡିପିଓ ଚିନ୍ମୟ କୁମାର ନାୟକଙ୍କ ନେତୃତ୍ୱରେ ଧର୍ମଶାଳା ଆଇଆଇସି ରାକେଶ ତ୍ରିପାଠୀ, ଜେନାପୁର ଆଇଆଇସି ଉମାକାନ୍ତ ନାୟକ ଓ କୋରେଇ ଆଇଆଇସି ରିତ ମହାନ୍ତି ଏକ ପ୍ଲାଟୁନ ଫୋର୍ସ ସହିତ ଗତକାଲି ରାତିରେ ଚଡାଉ କରି ଦେଓଦା ପଂଚାୟତ ଚଇନହୁଡା ଗ୍ରାମର ୧୨ଜଣଙ୍କୁ ଗିରଫ କରିଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ଚଇନହୁଡା ଗ୍ରାମର ପ୍ରଭାକର ନାୟକ(୪୫), କେଶବ ତରାଇ(୫୪), ବଳରାମ ତରାଇ(୩୦), ଅର୍ଜୁନ ତରାଇ(୨୭), ସିଲୁ ନାୟକ (୨୫), ହେମନ୍ତ ଦାସ(୩୫), ଗଜେନ୍ଦ୍ର ନାୟକ(୨୮), ଶ୍ରୀଧର ତରାଇ(୩୪), ନୀଳମଣି ତରାଇ(୪୬), ନିର୍ମଳ ତରାଇ(୩୦), ଜଳଧର ତରାଇ(୨୩), ଧ୍ରୁବ ଚରଣ ନାୟକ(୩୭) । ଆଜି ଗିରଫ ସମସ୍ତ ୧୨ ଜଣଙ୍କୁ ପୁଲିସ କୋର୍ଟକୁ ଚାଲାଣ କରିବା ସହିତ ତଦନ୍ତ ଚଳାଇଛି । ସେହିପରି ଅରାବଳ ପଂଚାୟତ ୮ ନମ୍ବର ବୁଥ ଜବରଦଖଲ ଘଟଣାରେ ପୁଲିସ କାହାରିକୁ ଗିରଫ କରିନାହିଁ । ତେବେ ଅରାବଳ ପଂଚାୟତର ୮ ନମ୍ବର ବୁଥ ଜବରଦଖଲକାରୀଙ୍କୁ ଖୁବଶିଘ୍ର ଗିରଫ କରାଯିବ ବୋଲି ଧର୍ମଶାଳା ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ କହିଛନ୍ତି । ଅନ୍ୟପଟେ ଅରାବଳ ପଂଚାୟତର ୧୫,୧୬ ଓ ୧୭ ନମ୍ବର ବୁଥରେ ରିଗିଂ ହୋଇଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଛି । ତେବେ ଏସମ୍ପର୍କରେ ପ୍ରଶାସନ ପକ୍ଷରୁ ଏହି ଭାଇରାଲ ଭିଡିଓକୁ ଯାଂଚ କରାଯାଉଛି ବୋଲି ବିଡିଓ କହିଛନ୍ତି । ସେହିପରି ଏହି ପଂଚାୟତର ରାୟଧରାପୁର ଗ୍ରାମସ୍ଥିତ ସ୍କୁଲରେ ହୋଇଥିବା ବୁଥରେ ଜବର ଦଖଲ ହୋଇଥିବା ନେଇ ଏଠାକାର ସରପଂଚ ପ୍ରାର୍ଥୀ ଦୀପ୍ତିପ୍ରଭା ସେଠୀ ନିଜ ସମର୍ଥକମାନଙ୍କ ସହିତ ଆଜି ବ୍ଲକକୁ ଆସି ଏସମ୍ପର୍କରେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

## ଆଲ୍ଲାବାଦ ବ୍ୟାଙ୍କ ଛାତରୁ ଖସିଲା କଂକ୍ରିଟ.. ଅଳ୍ପକେ ବର୍ତ୍ତିଲେ ୧୮ କର୍ମଚାରୀ

ବାଲେଶ୍ୱର,(ପି.ଏନ):- ବାଲେଶ୍ୱର ସିନେମା ଛକ ନିକଟସ୍ତ ମାର୍କେଟ କମ୍ପଲେକ୍ସ ରହିଛି ଆଲ୍ଲାବାଦ ବ୍ୟାଙ୍କ । ଆଜକୁ ୩୦ ବର୍ଷରୁ ଉର୍ଦ୍ଧ ହେବ ଏଠାରେ ରହିଛି ଏହି ବ୍ୟାଙ୍କ । ବ୍ୟାଙ୍କ ମାସକୁ ଭଡ଼ା ବାବଦକୁ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ମୁନିସପାଲଟି କୁ ଦେଇଥାଏ । ପ୍ରାୟ ୧୦, ୧୫ ବର୍ଷ ହେବ ଏହି ଘର ର ଛାତ ଖରାପ ହେବାକୁ ଲାଗିଲାଣି । ତେଣୁ ବ୍ୟାଙ୍କ ମ୍ୟାନେଜର ମୁନିସପାଲଟି କୁ ବହୁବାର ଚିଠି ଲେଖିବା ପରେ ୨୦୧୯ ମସିହା ରେ ସାଢ଼େ ୫ ଲକ୍ଷ ଟଙ୍କା ବ୍ୟେୟ ରେ ଏହା ମରାମତି କରାଯାଇଥିଲା । ଖୋଦ୍ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରର୍ତ୍ତୀ ନାମ ଫଳକ ରେ ଲେଖାଯାଇଛି । ଗତ କାଲି ରାତିରେ ଅର୍ଦ୍ଧାଧିକ ଛାତରୁ ପ୍ଲାଷ୍ଟର ଖସିଯାଇଥିଲା ।

# ସମବାୟବିତ୍ ବଟକୃଷ୍ଣ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଓ ଆତ୍ମଜୀବନୀ ଲୋକାର୍ପିତ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତରପ୍ରତାପ ପଂଚାୟତ ନୀଳକଣ୍ଠପୁର ଗ୍ରାମର ସମବାୟବିତ ବଟକୃଷ୍ଣ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଆତ୍ମଜୀବନୀ ଲୋକାର୍ପିତ ହୋଇଯାଇଛି । ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଚିତରଂଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦିବଂଗତ ବଟକୃଷ୍ଣ ମହାନ୍ତିଙ୍କ ଦ୍ୱିତୀୟ ବାର୍ଷିକ ପୁଣ୍ୟତିଥି ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଆତ୍ମଜୀବନୀ ଲୋକାର୍ପିତ ହୋଇଥିଲା । ସ୍ତମ୍ଭକାର ଡ. ପୁରୁଷୋତମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ବେଣୁଧର ଶରଣ, ମୁଖ୍ୟବକ୍ତା ଭାବେ ଡ. ରାଜକିଶୋର ପାଢୀ, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ, ସମାଜସେବୀ କାହ୍ନୁଚରଣ ଦାଶ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଓ ଶିକ୍ଷକନେତା ଆତ୍ମାରାମ ସୂତାର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତି ସମବାୟ ଆନ୍ଦୋଳନର ଜଣେ ମୁଖ୍ୟ ପୁରୋଧା ଥିଲେ । ଗ୍ରାମାଂଚଳର ବିକାଶ ପାଇ ତାଙ୍କ ଲେଖନୀ ଚାଳନା କରି ଧର୍ମଶାଳା ଅଂଚଳରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଏହି ଅବସରରେ ତାଙ୍କ ପୁତ୍ର ଶ୍ରୀ ମହାନ୍ତିଙ୍କ ସଂପାଦନାରେ ପ୍ରକାଶିତ 'ବାପାଙ୍କ ଡାଏରୀ' ଆତ୍ମଜୀବନୀ ଅତିଥିମାନେ ଲୋକାର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାଲାକାର ପାରେଶ୍ୱର ଶରଣ, ସାହିତ୍ୟିକ ମହେଶ୍ୱର ପାଢ଼ି, ଧରଣୀଧର ଦାଶ, କବୟତ୍ରୀ ପଦ୍ମଜା ଶରଣ, ପ୍ରେମଲତା ମହାରଣା, ଅଧ୍ୟାପକ ପ୍ରଭାତ ତ୍ରିପାଠୀ, ଚନ୍ଦନ ପ୍ରଧାନ, ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ, ବିବେକାନନ୍ଦ ରାୟ, ବିନୋଦ ଚିନାରା ପ୍ରମୁଖ ଯୋଗଦେଇ ଶ୍ରୀ ମହାନ୍ତିଙ୍କ ଜୀବନୀ ସଂପର୍କରେ ଅଲୋକପାତ କରିଥିଲେ । ଶେଷରେ ଇଂ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ଜଳସରପୁର ରୟାଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଯାଜପୁର : ଦଶରଥପୁର ବ୍ଲକ ଅନ୍ତର୍ଗତ ଅକରପଡ଼ା ପଞ୍ଚାୟତସ୍ଥିତ ଜଳସପୁର ଯୋଗୀମଠ ପଡ଼ିଆରେ ଜଳସରପୁର ରୟାଲ୍ କ୍ରିକଟ୍ କ୍ଲବ ଅନୁକୂଲ୍ୟରେ ତିନିଦିନ ଧରି ୧୬ ଦଳକୁ ନେଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପିତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ସମାଜସେବୀ ବ୍ରହ୍ମାନନ୍ଦ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ମା'ଟିଭି ସମ୍ବାଦ ପାଠକ ମିନକେତନ ସାହୁ ଯୋଗଦେଇ ବିଜୟୀ ଚିଣ୍ଡିଗୋଳ କିଂସ୍ କ୍ରିକେଟ୍ ଦଳ ଓ ରନର୍ସ ଦଳ ଭାବେ କୁରୁଳି କୋବ୍ରା କ୍ରିକେଟ୍ କ୍ଲବକୁ ଟ୍ରଫି ପ୍ରଦାନ ସହ ଅର୍ଥରାଶି ପ୍ରଦାନ କରିଥିଲେ । ଯୁବ ବ୍ୟବସାୟୀ ମହମ୍ମଦ୍ ଫିରୋଜ୍ ଓ ଚନ୍ଦନ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଳୟ ଜେନା, ଶ୍ରୀଧର ମଲ୍ଲିକ, ସାଗର, ନରଞ୍ଜନ, ନିତ୍ୟାନନ୍ଦ, ସୁଭେନ୍ଦୁ, ସୁଶାନ୍ତ, ମିଥୁନ୍, ଦିନବନ୍ଧୁ ଜେନା ପ୍ରମୁଖ ସହଯୋଗ କରିଥିଲେ । ପଞ୍ଚାୟତର ଶତାଧିକ କ୍ରିକେଟ୍ ପ୍ରେମୀ ଯୁବକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।



# ସରକାରଙ୍କ ଚରମ ଅବହେଳାରୁ ବିଦ୍ୟୁତ ବ୍ୟବହାରରେ କୃଷି କ୍ଷେତ୍ରରେ ଓଡ଼ିଶା ଚାଷୀ ସବୁଠୁ ପଛରେ: କିଷାନ କଂଗ୍ରେସ

ଭୁବନେଶ୍ୱର,(ପି.ଏନ) : ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ଆୟକୁ ଦ୍ୱିଗୁଣା କରିବା ପାଇଁ ବାରମ୍ବାର ଯେଉଁ ସ୍ଲୋଗାନ ଦେଇ ଚାଲିଛନ୍ତି ତାହା କେବଳ ପ୍ରଚାର ସର୍ବସ୍ୱ । ଓଡ଼ିଶା ବିଦ୍ୟୁତ ନିୟମାକ ଆୟୋଗ ତାଙ୍କ ରିପୋର୍ଟରେ ବାରମ୍ବାର ସୁଚାଉଛନ୍ତି ଯେ, ଓଡ଼ିଶା ବିଦ୍ୟୁତ କ୍ଷେତ୍ରରେ ଏକ ବଳକା ରାଜ୍ୟ । କିନ୍ତୁ ସେଣ୍ଟ୍ରାଲ ଇଲେକସିଟି ଅଥରିଟି ସର୍ବଶେଷ ରିପୋର୍ଟରେ କହିଛନ୍ତି, ରାଜ୍ୟ ସରକାରଙ୍କ ଯୋଜନା ଓ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । ଏବେ ମଧ ଓଡ଼ିଶାର ଚାଷୀ କୃଷି ଆଧୁନିକୀକରଣରେ ପଛୁଆ, ଯାହାକି ଜାତୀୟ ହାରରେ କୃଷି କ୍ଷେତ୍ରରେ ବିଦ୍ୟୁତ ବ୍ୟବହାରରେ ଓଡ଼ିଶାର ଚାଷୀ ଢେର୍ ପଛରେ । କୃଷି ଭିତ୍ତିକ ଶିଳ୍ପ ଓ ସରକାରୀ ହେଉ କି ଘରୋଇ କରଣ ଶୀତଳଭଣ୍ଡାର ହେଉ, ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ଅହେତୁକ ତୃଟି ରହିଛି । ସରକାର ଚାଷୀଙ୍କୁ ବିଜୁଳି ଯୋଗାଣରେ ଚାଷୀଙ୍କୁ ରିହାତି ଦେଇ ନାହାନ୍ତି, କିନ୍ତୁ ଅନ୍ୟ ରାଜ୍ୟରେ ଚାଷ କ୍ଷେତ୍ରରେ ଚାଷୀଙ୍କୁ ରିହାତି, ଆବଶ୍ୟକ ସ୍ଥଳେ ମାଗଣା ବିଜୁଳି ଯୋଗାଇ ଦିଆଯାଉଛି । ଅତ୍ୟନ୍ତ ଦୁର୍ଭାଗ୍ୟର କଥା, ଜଳସେଚନ ପାଇଁ ଆବଶ୍ୟକ ପଡୁଥିବା ବିଦ୍ୟୁତ ଯୋଗାଣରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ । ଫଳରେ ଚାଷୀ ଟଙ୍କା ଜମାଦେଇ ଉଠା ଜଳସେଚନ ବ୍ୟବସ୍ଥାରେ ବର୍ଷ ବର୍ଷ ଧରି ବିଦ୍ୟୁତ ସଂଯୋଗର ବ୍ୟବସ୍ଥା ପାରୁନାହାନ୍ତି । କୃଷି କ୍ଷେତ୍ରରେ ବିଜୁଳି ପାଇବା ପାଇଁ ଓଡ଼ିଶାର ଚାଷୀ ସବୁଠୁ କ୍ଷତିଗ୍ରସ୍ତ । କେବଳ ସରକାର ବିଭିନ୍ନ ଦିଗରେ ଚାଷୀଙ୍କୁଭୁଆଁ ବୁଲାଇ ଚାଲିଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ସରକାରଙ୍କ ଜଳସମ୍ପଦ, କୃଷି, ଶକ୍ତି ବିଭାଗ ମଧରେ ତାଳ ମେଳ ନାହିଁ । ଚାଷୀଙ୍କ ଆୟ ଦୁଇଗୁଣା କେବଳ ସରକାରଙ୍କ ଧୁଆଁବାଣ । ସରକାର ତିଳେମାତ୍ର ଚାଷୀଙ୍କ ପାଇଁ ଚିନ୍ତିତ ନୁହନ୍ତି । ସରକାର କାହିଁକି ଓଆଇଆରସିଙ୍କ ସହିତ ଚାଷୀଙ୍କ କଥାର ସଠିକ୍ ସମାଧାନ କରୁ ନାହାନ୍ତି । ଯାହା ଫଳରେ ବିଜୁଳି ପାଇଁ କୃଷି କ୍ଷେତ୍ରରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଯଦି ରାଜ୍ୟ ସରକାର ପ୍ରକୃତ ପକ୍ଷେ ଚାଷୀଙ୍କ ହିତରେ ତେବେ ଆସନ୍ତା ଆର୍ଥିକ ବର୍ଷଠାରୁ କୃଷି କ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ ସମସ୍ତ ଚାଷୀଙ୍କୁ ମାଗଣାରେ ଯୋଗାଇ ଦେବାକୁ ନୀତିଗତ ନିଷ୍ପତ୍ତି ନିଅନ୍ତୁ ବୋଲି କଂଗ୍ରେସ ଦଳ ପକ୍ଷରୁ ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିଛନ୍ତି ।

# ଜ୍ଞାନ ପଟ୍ଟନାୟକଙ୍କ ତ୍ୟାଗ ଓ ପତିଭକ୍ତି ଅତୁଳନୀୟ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍ ମିର୍ଜାପୁର ପଞ୍ଚାୟତର ଅରଙ୍ଗାବାଦ ଗ୍ରାମରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଧର୍ମପତ୍ନୀ ଜ୍ଞାନ ପଟ୍ଟନାୟକଙ୍କ ୧୩ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ନେତୃତ୍ୱରେ ସ୍ଥାନୀୟ ଶ୍ୟାମସୁନ୍ଦର ମନ୍ଦିର ସମ୍ମୁଖରେ ଶତାଧିକ ମହିଳା ପୁରୁଷ ସମୂହ ଦୀପଦାନ କରିଥିଲେ । ପ୍ରାରମ୍ଭରେ ଜ୍ଞାନ ଦେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ଲାବଣ୍ୟ ଜ୍ଞାନଦେବୀ ବିଜୁବାବୁଙ୍କୁ ରାଜନୈତିକ ସହାୟତା ଦେବା ସହିତ ତାଙ୍କୁ ପ୍ରତିଟି କ୍ଷେତ୍ରରେ ସାହାଯ୍ୟ କରିଆସୁଥିଲେ ବୋଲି ମତବ୍ୟକ୍ତ କରିବା ସହିତ ଜ୍ଞାନଦେବୀଙ୍କ ତ୍ୟାଗ ଓ ପତିଭକ୍ତି ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ଶୈଳବାଳା ବେହେରା, କୁନିଲତା ବେହେରା, ସୁମିତ୍ରା ବାରିକ, ମିନତୀ ପଣ୍ଡା, ପଦ୍ମିନୀ ପଣ୍ଡା, ଝୁନାରାଣୀ ପଣ୍ଡା, ସନ୍ତୋଷିନୀ ପଣ୍ଡା, ରଂଜିତା ପାଣିଗ୍ରାହୀ ପ୍ରମୁଖ ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେହିପରି ବୈକୁଣ୍ଠ ଦାସ, ଧନେଶ୍ୱର ସାହୁ, ରବିନ୍ଦ୍ର ପଣ୍ଡା, ବଂଶୀଧର ଜେନା, କିଶୋର ଜେନା, ଜିତେନ୍ଦ୍ର ଜେନା, କପିଳେନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଜ୍ଞାନଦେବୀଙ୍କ ସ୍ମୃତିଚାରଣ କରିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray